Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୨
Volum. - 21 ■ Issue No.- 22
Sunday ■ Balangir
ରବିବାର ■ ବଲାଙ୍ଗିର
KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com
R.N.I.No.: ODIODI/2000/03637 / ୧୮ ଏପ୍ରିଲ୍ - ୨୪ ଏପ୍ରିଲ୍ ୨୦୨୧ / 18 April - 24 April 2021 / Odia Weekly / 8 Pages / Rs.2/- only



## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଆଜିର ଦିବସ ହେଉ 'କରୋନା' ବିରୋଧରେ ଆମର ବିଜୟ ସଂକଳ୍ପ ଦିବସ । ଆସନ୍ତୁ, 'କରୋନା' ସଂକ୍ରମଣକୁ ପ୍ରତିହତ କରି ଓଡ଼ିଶାର ନବକଳେବରରେ ସାମିଲ ହେବା ।

(ଗଣେଶୀ ଲାଲ)



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଆ ନୂଆବର୍ଷ ତଥା ମହାବିଷ୍ଣୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ଆମେ ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା ।

ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ନବବର୍ଷ ତଥା ମହାବିଷ୍ଣୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ମହାନ୍ ଐତିହ୍ୟ, ଅନନ୍ୟ ସଂସ୍କୃତି ଓ ସମୃଦ୍ଧ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ନୂଆ ବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଆନନ୍ଦ ଉତ୍ସାହ ଭରିଦେଉ, ଏହାହିଁ ମୋର କାମନା ।

କରୋନା ମହାମାରୀକୁ ମୁକାବିଲା କରି ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-03 OIPR-15001/13/0003/2122

# ବଲାଙ୍ଗିର ଜିଲ୍ଲାରେ ସପ୍ତାହନ୍ତ ସଟ୍‌ଡାଉନ୍‌ର ଦ୍ୱିତୀୟ ଦିନ : ଲୋକେ ସଚେତନ ହେବା ଜରୁରୀ



ବଲାଙ୍ଗିର, (ନିପ୍ର) : ରବିବାର ଦିନ ବଲାଙ୍ଗିର ଜିଲ୍ଲାରେ ସପ୍ତାହନ୍ତ ସଟ୍‌ଡାଉନ୍‌ର ଦ୍ୱିତୀୟ ଦିନ । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ଓ ଟିଟିଲାଗଡ଼ ପୌରାଂଚଳ ଏବଂ ପାଟଣାଗଡ଼, ତୁଷୁରା ଓ କଂଟାବାଂଜି ଏନ୍‌ଏସି ଅଂଚଳରେ ସପ୍ତାହନ୍ତ ଲକ୍‌ଡାଉନ୍ ଚାଲିଥିବା ବେଳେ ଲୋକେ କରୋନା ପ୍ରତି ଆହୁରି ସଚେତନ ହେବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଆଜି ପୂର୍ବାହ୍ନରେ ବଲାଙ୍ଗିର ସହରର କିଛି ମାଛ, ମାଂସ ତଥା କୁକୁଡ଼ା ଦୋକାନ ଖୋଲାଥିବା ଦେଖିବାକୁ ମିଳିଥିଲା । ଜନ ସମାଗମ ମଧ୍ୟ କିଛିକାଂଶରେ ଅନୁମାନ କରାଯାଇଥିଲା । ତେବେ କେବଳ ପ୍ରଶାସନର କଟକଣା ଭୟରେ ଲୋକେ ଶୃଙ୍ଖଳିତ ହେବା ଅପେକ୍ଷା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱତଃ ଶୃଙ୍ଖଳିତ ହେବା ନିହାତି ଆବଶ୍ୟକ ହୋଇପଡ଼ିଛି । ସାରା ଦେଶରେ ଓ ରାଜ୍ୟରେ ତଥା ଜିଲ୍ଲାରେ କରୋନା ସଂକ୍ରମଣର ତୀବ୍ରତା ଅନୁଭବ ହେଉଥିବା ବେଳେ ଜନସାଧାରଣଙ୍କ ଅବହେଳା ହୁଏତ ଏହାକୁ ଆହୁରି ତୀବ୍ରତର କରିପାରେ । ଜିଲ୍ଲା ପ୍ରଶାସନ ପକ୍ଷରୁ ମୁହଁରେ ମାସ୍କ ଲଗାଇବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ତଥା ସାନିଟାଇଜର୍ ବ୍ୟବହାର କରିବା ସଂଗେ ସଂଗେ ସରକାରଙ୍କ କରୋନା ଗାଇଡ ଲାଇନ୍‌କୁ ଅନୁପାଳନ କରିବା ନିମନ୍ତେ ସଚେତନତ କରାଯାଉଛି । ଏଥିପ୍ରତି ସମସ୍ତ ଜିଲ୍ଲାବାସୀ ନିଷ୍ଠା ସହକାରେ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

ଦିନକୁ ଦିନ ବଢ଼ି ଚାଲିଛି କରୋନା ସଂକ୍ରମଣ । ସାରା ବିଶ୍ୱରେ ସଂକ୍ରମଣ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନକୁ ପହଂଚି ସାରିଛି । ଏତିକି ବେଳେ କରୋନାର ଭୟାବହତାରୁ ନିଜକୁ ତଥା ମାନବ ଜଗତକୁ ସୁରକ୍ଷିତ ରଖିବାକୁ ହେଲେ ସଚେତନ ହେବା ଏକାନ୍ତ ଆବଶ୍ୟକ, ଏହା ସମସ୍ତଙ୍କ ଧ୍ୟେୟ ହେବା ଆବଶ୍ୟକ ।

# କୋଶଳାଂଚଳରେ କରୋନା ମୁକାବିଲା ପାଇଁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱତନ୍ତ୍ର କୋଭିଡ଼ ହସ୍‌ପିଟାଲ ଖୋଲାଯାଉ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉ



ବଲାଙ୍ଗିର, (କେପିଏନ୍‌ଏସ୍) : ସମ୍ପ୍ରତି ସମଗ୍ର ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ମାଡ଼ି ଚାଲିଛି । ଏହି ଲହରୀରେ କରୋନାର ନୂଆଁ ରୂପ ଅଧିକ ସଂକ୍ରାମକ ଓ ବିପଦପୂର୍ଣ୍ଣ ଅଟେ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଆଜି ଯାଏ ସାରା ଦେଶରେ ପ୍ରାୟ ଅଢ଼େଇ ଲକ୍ଷରରୁ ଉର୍ଦ୍ଧ୍ୱ ଲୋକ କରୋନାର ଦ୍ୱିତୀୟ ଲହରୀରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳୁଛି ଏବଂ ଏହା ଚକ୍ରବୃଦ୍ଧି ହାରରେ ବିପଦ ଜନକ ଭାବରେ ବଢ଼ି ଚାଲିଛି । ରାଜନୈତିକ ଓଡ଼ିଶାର କୋଶଳ ଅଂଚଳରେ କରୋନାର ଏହି ନୂଆଁ ରୂପ ଭୟାବହ ଆକାର ଧାରଣ କଲାଣି । ବିଶେଷ କରି ଛତିଶଗଡ଼ ସୀମାକୁ ଲାଗିଥିବା ଜିଲ୍ଲା ମାନଙ୍କର ସ୍ଥିତି ଅତିବ ଭୟାବହ । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ୧୦ଟି ଜିଲ୍ଲାରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିବା ସହ ଶନିବାର, ରବିବାର ସଟ୍‌ଡ଼ାଉନ କରିବାର ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏତିକିରେ କାମ ଚଳିବ ନାହିଁ । ତେଣୁ କୋଶଳାଞ୍ଚଳର ଏଭଳି ଭୟାବହ ସ୍ଥିତିକୁ ଦେଖି ରାଜ୍ୟ ସରକାର ଏ ଅଂଚଳକୁ କରୋନା ପ୍ରବଣ ଅଂଚଳ ରୂପେ ଘୋଷଣା କରିବା ସହ ତୁରନ୍ତ କରୋନାର ମୁକାବିଲା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଅନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବୀ କରିଛନ୍ତି । କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଜାରି ପ୍ରେସ୍ ବିବୃତ୍ତିରେ ଶ୍ରୀ ମିଶ୍ର କୋଶଳାଞ୍ଚଳର ସବୁ ଜିଲ୍ଲା ତଥା ସବ୍‌ଡ଼ିଭିଜନରେ ସ୍ୱତନ୍ତ କୋଭିଡ଼ ହସ୍‌ପିଟାଲ ପୁଣି ଥରେ ସ୍ଥାପନ କରିବା ସହ ଅଧିକ ସଂଖ୍ୟକ ଶଯ୍ୟା, ଭେଂଟିଲେଟର, ଅକ୍‌ସିଜେନ୍ ସିଲିଣ୍ଡର, ଔଷଧ ଓ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି । ଏହାଛଡ଼ା ଭ୍ରାମ୍ୟମାଣ କରୋନା ପରୀକ୍ଷାଗାର ତଥା ପ୍ରତି ପଞ୍ଚାୟତ ଓ ମ୍ୟୁନିସିପାଲଟିର ପ୍ରତି ଓ୍ୱାର୍ଡ଼ରେ କରୋନା ପରୀକ୍ଷା ବ୍ୟବସ୍ଥା କରିବାକୁ ଶ୍ରୀ ମିଶ୍ର ଦାବୀ କରିଛନ୍ତି । ଉପକୂଳ ଓଡ଼ିଶାରୁ ଅଧିକ ସଂଖ୍ୟକ ଡାକ୍ତର ଆଣି ସମସ୍ୟାର ମୁକାବିଲା କରିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି । ଏହାଛଡ଼ା ଏ ଅଂଚଳର ଛଟେଇ ହୋଇଥିବା କରୋନା ଯୋଦ୍ଧା (ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ) ମାନଙ୍କୁ ପୁଣି ଥରେ ନିଯୁକ୍ତି ଦେଇ ସେବାରେ ଲଗେଇବାକୁ ଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । କୋଶଳାଞ୍ଚଳରେ କରୋନା ପ୍ରତିଷେଧକ ଟୀକାକରଣକୁ ବହୁଗୁଣିତ କରିବା ସହ ସ୍ୱତନ୍ତ୍ର ଭାବରେ ଛାତ୍ରଛାତ୍ରୀ ମାନଙ୍କୁ ଓ କାର୍ଯ୍ୟାଳୟରେ କର୍ତ୍ତବ୍ୟରତ କର୍ମଚାରୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବାକୁ ସେ ଦାବୀ କରିଛନ୍ତି । କୋଶଳଅଞ୍ଚଳର କରୋନା ପରିସ୍ଥିତିର ଭୟାବହତା ଦୃଷ୍ଟିରୁ ଏ ଅଂଚଳରେ ସ୍ୱତନ୍ତ୍ର ଭାବେ ସଚିବ ସ୍ତରୀୟ କମିଟୀ ଗଠନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରୋନା ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଓ ରାଜନୈତିକ ଦୃଷ୍ଟିରୁ କିମ୍ବା ଅସାଧୁ ଉଦେଶ୍ୟ ରଖି କରୋନା ସମୟରେ କାମ ନ କରି କରୋନା ପରିସ୍ଥିତି ଯୋଗୁଁ କାମଧନ୍ଦା ହରାଉ ଥିବା ଗରିବ ଲୋକଙ୍କ ଥଇଥାନ ପାଇଁ ଓ ଆର୍ଥିକ ଅନୁଦାନ ପାଇଁ ମଧ୍ୟ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି । ଏହାଛଡ଼ା କରୋନା କାଳରେ ଚିକିତ୍ସାକୁ ଅବହେଳା କରୁଥିବା ଡାକ୍ତର ଓ ଅସାଧୁ ଉପାୟରେ କରୋନା ପାଇଁ ଉଦ୍ଦିଷ୍ଟ ଅର୍ଥକୁ ତୋଷାରପାର କରୁଥିବା ବ୍ୟକ୍ତି ଓ ପ୍ରତିଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ମିଶ୍ର ଦାବୀ କରିଛନ୍ତି ।

## ବିଶେଷ ଘୋଷଣା

ଆକସ୍ମିକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗତ ତା ୧୧/୦୪/୨୦୨୧ର 'କୋଶଳ ପ୍ରବାହ' ସଂଖ୍ୟା ପ୍ରକାଶ ପାଇ ପାରିନାହିଁ । ଏଥିପାଇଁ ଆମେ ଦୁଃଖିତ । ଆମର ଅଗଣିତ ପାଠକ ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତା ଆମର ଅସୁବିଧାକୁ ହୃଦୟଙ୍ଗମ କରିବେ ବୋଲି ଆଶା ଓ ବିଶ୍ୱାସ ।

- ସଂପାଦକ-

# ୫୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଲା, ଉଦଘାଟିତ ହେଲା ପଶ୍ଚିମ ଓଡିଶାର ସର୍ବ ବୃହତ ରେଲୱେ ଓଭର୍ ବ୍ରିଜ : ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ପାଖାପାଖି ୭୨ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଟିଟିଲାଗଡ, (ନିପ୍ର) : ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ଚାତକ ପକ୍ଷୀ ପରି ଅନେଇ ବସିଥିବା ଟିଟିଲାଗଡ଼ବାସୀଙ୍କ ସ୍ୱପ୍ନ ବାସ୍ତବ ରୂପ ନେଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେସିଂ ମାଧ୍ୟମରେ ରେଳ ଓଭର ବ୍ରିଜକୁ ସର୍ବ ସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି । ଏଥିପାଇଁ ଟିଟିଲାଗଡ଼ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁଙ୍କ ଅହରହ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଟିଟିଲାଗଡ଼ବାସୀଙ୍କ ସ୍ୱପ୍ନ ଏକ ପ୍ରକାର ସାକାର ହୋଇଛି । ଏହାକୁ ନେଇ ଟିଟିଲାଗଡ଼ବାସୀ ଦଳ ମତ ନିର୍ବିଶେଷରେ ସମସ୍ତ ମହଲରେ ପ୍ରଶଂସା କରାଯାଇଛି । ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରଚେଷ୍ଟାରେ ତଥା ରାଜ୍ୟ ସରକାରଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ହୋଇ ଥିବା ଏହି ଓଭର ବ୍ରିଜକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦଘାଟନ କରିଥିବାରୁ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ମଧ ଭିନ୍ନ ଭିନ୍ନ ସମୟରେ ପ୍ରେସ ଇସ୍ତାହାର ଦେଇ ଉନ୍ନୟନ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଟିଟିଲାଗଡ଼ ପୁଲିସ ଷ୍ଟେସନ ଛକରେ ଉଦଘାଟନୀ ଉତ୍ସବକୁ ସଫଳ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତଥା ଟିଟିଲାଗଡ଼ ପ୍ରଶାସନ ଦିନରାତି ଏକ କରି ସାଜସଜ୍ଜା କରିଥିଲେ । ଗତ ୯ ତାରିଖ ଦିନ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ସନ୍ଧ୍ୟା ୬ ଟା ୧୫ ମିନିଟ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେସିଂ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ, ଷ୍ଟିଲ ଏବଂ ମାଇନ୍ସ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଟିଟିଲାଗଡ଼ ବିଧାୟିକା ତଥା ଓଡ଼ିଶା ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗିର ସଂସାଦ ସଂଗୀତା କୁମାର ସିଂଦେଓ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟିଟିଲାଗଡ଼ ଉପଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଂସଦ ସଙ୍ଗୀତ ସିଂଦେଓ ଟିଟିଲାଗଡର ରେଳ ଓଭର ବ୍ରିଜର ଉଦ୍ଘାଟନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ସହ ଟିଟିଲାଗଡର ପାଣି ସମସ୍ୟାକୁ ଯଥା ଶୀଘ୍ର ସମାଧାନ କରିବାକୁ ଓ କଂଟାବାଞ୍ଜିରେ ଭୂତଳ ପୋଲ ନିର୍ମାଣ କରିବାକୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀଙ୍କୁ କହିଥିଲେ । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଓ ଟିଟିଲାଗଡ ଉପଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ମଧ ଟିଟିଲାଗଡବାସୀଙ୍କ ପାଇଁ ସ୍ୱପ୍ନ, ରେଳ ଓଭର ବ୍ରିଜର ଉଦ୍ଘାଟନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ସରକାରଙ୍କୁ ।

ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ଟିଟିଲାଗଡବାସୀଙ୍କ ତରଫରୁ ଟିଟିଲାଗଡ ଠାରେ ତିଆର ହୋଇଥିବା ୫୦ ବର୍ଷର ସ୍ୱପ୍ନ ରେଳ ଓଭର ବ୍ରିଜକୁ ଲୋକାର୍ପଣ କରିଥିବା ଯୋଗୁଁ ଧନ୍ୟବାଦ ଜ୍ଞାପନ କରିବା ସହ ଟିଟିଲାଗଡବାସୀଙ୍କୁ ରାଜ୍ୟ ସରକାରଙ୍କ ସହ ହାତରେ ହାତ ମିଶାଇ ଆଗକୁ ବଢିବା ପାଇଁ କହିଥିଲେ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ତାଙ୍କ ଜନ୍ମଭୂମିରେ ତିଆରି ହୋଇଥିବା ରେଳ ଓଭର୍ ବ୍ରିଜ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ତେବେ ଟିଟିଲାଗଡ ଥାନା ଛକ ଠାରୁ ଆରମ୍ଭ ହୋଇ ଡିଏଭି କଲେଜ ଖେଳ ପଡିଆ ନିକଟରେ ଶେଷ ହୋଇଥିବା ଏହି ଓଭର ବ୍ରିଜ ଦୀର୍ଘ ଏକ କିଲୋମିଟର ଯାଏ ଲମ୍ବି ରହିଛି । ୭୧.୫୯ କୋଟି ମଧ୍ୟରେ ରାଜ୍ୟ ସରକାରଙ୍କ ଅଂଶ ୩୮.୪୩ କୋଟି ଏବଂ ଭାରତୀୟ ରେଳ ବିଭାଗର ୩୩.୧୬ କୋଟି ଅଂଶଧନ ଅନ୍ତର୍ଭୁକ୍ତ । ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ଆପ୍ରାଣ ଚେଷ୍ଟା ବଳରେ ବହୁ ବାଧାବିଘ୍ନକୁ ଅତିକ୍ରମ କରି ସଂପୂର୍ଣ୍ଣ ହୋଇଥିବା ଟିଟିଲାଗଡବାସୀଙ୍କ ବହୁ ଦିନର ସ୍ୱପ୍ନ ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଉଦ୍‌ଘାଟନ ହୋଇଛି । ଏହି ବ୍ରିଜଟି ବିଭିନ୍ନ ପ୍ରକାର ସମ୍ବଲପୁରୀ ସାଂସ୍କୃତିକ କଳାରେ ରଙ୍ଗେଇ ହୋଇ ସାଜସଜା ହୋଇଛି । ଟିଟିଲାଗଡ ସହରବାସୀ ମୁଖ୍ୟମନ୍ତ୍ରୀ ଓ ବିଧାୟିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସହର ଭାବେ ଟିଟିଲାଗଡ଼ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ରେଳପଥ ଓ ସଡ଼କ ପଥ ମାଧ୍ୟମରେ ଟିଟିଲାଗଡ଼ ସହରର ଭାରତର ପ୍ରମୁଖ ସହରମାନଙ୍କ ସହିତ ଯୋଗାଯୋଗ ରହିଛି । ଭାରତର ପ୍ରମୁଖ ସହରମାନଙ୍କୁ ସଂଯୋଗ କରୁଥିବା ଝାରସୁଗୁଡ଼ା-ବିଜୟ ନଗରମ୍ ଲାଇନ୍ ଓ ରାୟପୁର-ବିଜୟ ନଗରମ୍ ଲାଇନ୍ ମଧ୍ୟରେ ଥିବା ଟିଟିଲାଗଡ଼ ଜଂକ୍‌ସନ୍ ଏକ ବ୍ୟସ୍ତ ବହୁଳ ରେଳ ଷ୍ଟେସନ । ଟିଟିଲାଗଡ଼ ସହର ମଧ ଦେଇ ଯାଇଥିବା ରେଳ ଲାଇନ୍‌ର ଲେଭେଲ୍ କ୍ରସିଂ ନଂ.ଏଲ୍‌ସି ୧୫୯ ଟିଟିଲାଗଡ଼ ସହରର ଏକ ଘନ ଜନବସତି ଅଂଚଳରେ ଅବସ୍ଥିତ । ଗୋପାଳପୁରରୁ ରାୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନଂ.୫୯ ମଧ ଟିଟିଲାଗଡ଼ ସହର ମଧ ଦେଇ ଯାଇଛି, ଯାହାକି ଲେଭେଲ୍ କ୍ରସିଂ ନଂ.ଏଲ୍‌ସି ୧୫୯ ଠାରେ ମଧ ସଂଯୋଗ କରିଛି ।

ଟିଟିଲାଗଡ଼ ସହର ବ୍ୟତୀତ ଆଖପାଖ ସହର ଯଥା- କେସିଙ୍ଗା, ଭବାନୀପାଟଣା, ନୂଆପଡ଼ା ସହରର ଲୋକମାନେ ମଧ ଏହି ରାସ୍ତା ଉପରେ ଗମନାଗମନ ପାଇଁ ନିର୍ଭର କରିଥା'ନ୍ତି । ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା ସମୟରେ ଜନସାଧାରଣ, ରୋଗୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀମାନେ ଏହି ଲେଭେଲ୍ କ୍ରସିଂ ଠାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ସେମାନଙ୍କୁ ବହୁ କଷ୍ଟଦାୟକ ହେଉଥିଲା । ଜାତୀୟ ରାଜପଥ ନଂ.୫୯ର ଚେନ୍‌ଏଜ୍ ୪୬/୨୦୦ରୁ ୪୭/୩୦୦




ମଧ୍ୟରେ ଥିବା ଲେଭେଲ୍ କ୍ରସିଂ ନଂ.୧୫୯ ଠାରେ ଗମନାଗମନର ସୁବିଧା ନିମନ୍ତେ ଏକ ରେଳ ଓଭର୍ ବ୍ରିଜ୍ ନିର୍ମାଣ କରିବା ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ପ୍ରବଳ ଦାବୀ ହେଉଥିଲା । ଏହି ରେଳ ଓଭର୍ ବ୍ରିଜ୍ ହେବା ଦ୍ୱାରା ଟିଟିଲାଗଡ଼, ଭବାନୀପାଟଣା, କେସିଙ୍ଗା ଓ ନୂଆପଡ଼ାର ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ । ଏହି ଓଭର୍ ବ୍ରିଜ୍ ହେବା ଦ୍ୱାରା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଦୈନିକ ପ୍ରାୟ ୩୦୦ ବ୍ୟବସାୟିକ ଯାନବାହାନ ଯିବା ଆସିବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି କୁହାଯାଉଛି । ଏତଦ୍‌ବ୍ୟତୀତ କୁମୁଡ଼ା ଶିବ ମନ୍ଦିର ଓ ରାଣୀପୁର ଝରିଆଲ ଭଳି ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗୀକରଣ ତଥା ଗମନାଗମନରେ ଉନ୍ନତି ହୋଇପାରିବ ।





## ସଂପାଦକୀୟ

### କରୋନା ସଂକ୍ରମଣର କ୍ଷୀପ୍ରତା

ଏବେ ଆମ ଦେଶରେ କରୋନା ସଂକ୍ରମଣର କ୍ଷୀପ୍ରତା ବେଶ୍ ପରିଲକ୍ଷିତ ହେଉଥିବା ବେଳେ ଏଥିପାଇଁ ଜନସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ମଧ୍ୟ ଅନୁମାନ କରାଯାଉଛି । କରୋନା ତାର ପ୍ରଥମ ଲହରୀରେ ଆମର କିଛି ଚିହ୍ନା ମୁହଁଙ୍କୁ ସାଉଁଟି ନେଇଥିଲା । ଏବେ ତାର ଦ୍ୱିତୀୟ ଲହରୀରେ ପୁଣି ଅନେକଙ୍କୁ ସାଉଁଟିବା ଆରମ୍ଭ କରିଛି । ଏଭଳି ପରିସ୍ଥିତିରେ ଭାରତର ପ୍ରତ୍ୟେକ ନାଗରିକଙ୍କ ଗୁରୁ ଦାୟିତ୍ୱ ରହିଛି, ନିଜକୁ ତଥା ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ । ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ।

ବାରମ୍ବାର ହାତ ଧୋଇବା, ସାନିଟାଇଜର୍ ବ୍ୟବହାର କରିବା, ମୁହଁରେ ମାସ୍କ ଲଗେଇବା, ସାମାଜିକ ଦୂରତା ରକ୍ଷା କରିବା ତଥା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଗାଇଡ୍ ଲାଇନ୍ ମାନି ଚଳିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ । ଦେଶର ଛତିଶଗଡ଼, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ କରୋନାର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇ ପଡ଼ିଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏହାର ତୀବ୍ରତା ପରିଲକ୍ଷିତ ହୋଇଛି ।

ସୂଚନାଯୋଗ୍ୟ ଯେ, ପ୍ରଥମ ଲହରୀରେ କରୋନା ଯେତେ ସଂକ୍ରାମକ ଥିଲା ତାଠାରୁ ଦ୍ୱିତୀୟ ଲହରୀରେ ଅଧିକ ସଂକ୍ରାମକ ଅନୁଭବ ହେଉଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି । ପୁଣି ସଂକ୍ରମଣ ସଂଖ୍ୟା ବଢ଼ିବା ସହିତ ଦେଶରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । କେବଳ ସରକାରଙ୍କ ପାଇଁ ନୁହେଁ, ସାରା ଜନସମୁଦାୟଙ୍କ ପାଇଁ ଏକ ବିରାଟ ଚ୍ୟାଲେଂଜ ଆମ ସାମ୍ନାରେ ଏବେ ଦଣ୍ଡାୟମାନ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୧ ବର୍ଷରୁ ଅଧିକ ସମୟ ହେଲା କରୋନା ସହ ଲଢୁଛି ବିଶ୍ୱ । ଏହି ପରିପ୍ରେକ୍ଷୀରେ ଭାରତ ମଧ୍ୟ ପଛରେ ନାହିଁ । ଓଡ଼ିଶାର ସ୍ଥିତି ମଧ୍ୟ ତଦ୍ରୂପ । ଏହି କରୋନା ସହ ଲଢ଼େଇ କରିବା ଭିତରେ ମଣିଷ ସମାଜକୁ ଅନେକ ପ୍ରକାରର କ୍ଷତି ସହିବାକୁ ପଡ଼ିଛି । ପିଲାଙ୍କ ପାଠ ପଢ଼ାରେ ନାହିଁ ନଥିବା କ୍ଷତି ହୋଇଥିବା ବେଳେ ବାଣିଜ୍ୟ ବ୍ୟବସାୟକରେ ମଧ୍ୟ ବିଶେଷ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଛି । ପୁଣି ଅନେକ ନିରୀହ ଜୀବନ ମଧ୍ୟ ଏହି ମାରାତ୍ମକ ମହାମାରୀର ନିଷ୍ଠୁର ପନ୍‌ଝା ସାଉଁଟି ନେଇଛି । ତେବେ କିଛି ଦିନ ହେଲା ସଂକ୍ରମଣର ଗ୍ରାଫ୍ ତଳକୁ ଖସିଥିବା ବେଳେ ଲୋକେ ଆଶ୍ୱସ୍ତ ହେବାରେ ଲାଗିଥିଲେ । କିନ୍ତୁ ଏହାର ଦ୍ୱିତୀୟ ଲହର ଜନସାଧାରଣଙ୍କ ନିଦ ହଜେଇବା ଆରମ୍ଭ କରିଦେଲାଣି । ପୁଣି କଟକଣା ବଳବତ୍ତର କରିବା ଦିଗରେ ସରକାର ଯେତିକି ଅଣ୍ଟା ଭିଡୁଛନ୍ତି, ସେତିକି ଜନ ସମୁଦାୟ ଅବାକ୍ ହେବାରେ ଲାଗିଛନ୍ତି । ତଥାପି ଯଦି କଟକଣା ନ ରହିବ, ତେବେ କରୋନା ପୁଣି ତାଣ୍ଡବ ରଚିପାରେ ଏହାକୁ ବି ଅବଶ୍ୟ ଜନସାଧାରଣ ଅନୁଭବ କରୁଛନ୍ତି ।

# ଗୁର୍ଜି ମାଝିଙ୍କୁ କେବେ ମିଳିବ ବିଧବା ଭତ୍ତା ?



ତୁରେକେଲା, (ନିପ୍ର) : ତୁରେକେଲା ଗ୍ରା.ପ. ଅନ୍ତର୍ଗତ ଲର୍କି ଗାଁର ଗରିବ ତଥା ନିରୀହ ଗୁର୍ଜି ମାଝି ଦୀର୍ଘ ୫ ବର୍ଷ ହେବ ଗୁହାରି କରୁଥିଲେ ସୁଦ୍ଧା ତାଙ୍କୁ ବିଧବା ଭତ୍ତା ମିଳୁ ନଥିବା ଅଭିଯୋଗ କରିଛନ୍ତି । ସ୍ୱାମୀ ରାମଦାସ ମାଝି ଗତ ତା୦୪/୦୮/୨୦୧୬ରେ ପେଟ ରୋଗରେ ପଡ଼ି ଝାଡ଼ା, ବାନ୍ତି ହୋଇ ଆରପାରିକୁ ଚାଲି ଯାଇଥିଲେ । ସେଦିନରୁ ଗୁର୍ଜି ମାଝି ତାଙ୍କ ଦୁଇ ପୁଅ ଓ ଗୋଟିଏ ଝିଅକୁ ଧରି କୁଲି ମଜୁରି କାମ କରି ତଥା ହାଇଦେରାବାଦକୁ ଇଟା ଗଡିବା କାମରେ ଯାଇ ନିଜର ପରିବାର ଭରଣ ପୋଷଣ କରୁଛନ୍ତି । ଏଭଳି ନିରୀହ ମହିଳା ବିଧବା ଭତ୍ତା ପାଇବା ଆଶାରେ ୱାର୍ଡ ମେମ୍ବର, ସରପଂଚ, ବ୍ଲକ ପ୍ରଶାସନଙ୍କୁ ବାରଂବାର ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗୁହାରି କେହି ଶୁଣୁ ନାହାଁନ୍ତି ବୋଲି ଆଖି ଛଳ ଛଳ କରି କହିଛନ୍ତି ଗୁର୍ଜି ମାଝି । ଏହି ନିରୀହ ବିଧବାଙ୍କ ପ୍ରତି ପ୍ରଶାସନ ଦୟା କରୁ ଓ ତୁରନ୍ତ ପଦକ୍ଷେପ ନିଆ ଯାଉ ବୋଲି ଜନସାଧାରଣରେ ଦାବୀ ହେଉଛି ।

# ପାଇକମାଲ ବ୍ଲକ ପାଲଟିଛି କରୋନା ହଟସ୍ପଟ୍ : ସୁରକ୍ଷା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବୀ




ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକରେ କରୋନା କାୟା ବିସ୍ତାର କରିବାରେ ଲାଗିଛି । ଦିନକୁ ଦିନ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲେ ମଧ ବ୍ଲକ ପ୍ରଶାସନ ତରଫରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଗତ ଶନିବାର ରାତି ୯.୪୦ରେ ବୁର୍ଲା କୋଭିଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଟେମରି ଗ୍ରାମର ବିରେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଛି । ଏହାଛଡ଼ା ପାଇକମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ସଙ୍ଗୀତା ସାହୁଙ୍କ ବାପାଙ୍କ ମୃତ୍ୟୁ ଶନିବାର ରାତି ୨ଟା ସମୟରେ ଘଟିଥିବା ସୂଚନା ମିଳିଛି । ଏଠାରେ ସୂଚନାଯୋଗ୍ୟ ଯେ ପାଇକମାଲ ବ୍ଲକର ବିଭିନ୍ନ ଗ୍ରାମରେ ଗତ କିଛିଦିନ ଧରି ଲଗାତାର ଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ଯାହାର ପ୍ରମୁଖ କାରଣ ହେଲା ଛତିଶଗଡ଼ ସହିତ ବସ ଚଳାଚଳ ହେବା ଏବଂ ଗତ ମାସ ରାୟପୁରରେ ଅନୁଷ୍ଠିତ ହୋଇଥିବା କ୍ରିକେଟ ମ୍ୟାଚ ଦେଖିବାକୁ ଅନେକ ଯୁବକ ଯାଇଥିଲେ ବୋଲି କୁହାଯାଉଛି । ସେଠାରୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି ।

ଦିନକୁ ଦିନ ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କ ହୃଦୟକୁ କଷ୍ଟ ଦେଉଛି । ପାଇକମାଲବାସୀଙ୍କ ଜୀବନ ବଂଚାଇବା ପାଇଁ ରାଜ୍ୟ ସରକାର ତଥା ବରଗଡ଼ ଜିଲ୍ଲା ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ସଚେତନ ନାଗରିକ ବୃନ୍ଦ ଦାବୀ କରିଛନ୍ତି । ଟେମରି ଗ୍ରାମରେ ମଧ ଅନୁରୂପ ଭାବେ ଅନେକ ଲୋକ ସଂକ୍ରମିତ ହେଇଥିବା ଅନୁମାନ କରାଯାଉଛି । ତେଣୁ ସେହି ଗ୍ରାମକୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଇ ବ୍ୟାପକ ଟେଷ୍ଟିଙ୍ଗ ବ୍ୟବସ୍ଥା କରି ଆବଶ୍ୟକ ଔଷଧ ଯୋଗେଇଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଚାଲିଗଲେ ପାଟଣାଗଡ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିବେକାନନ୍ଦ ମେହେର



ପାଟଣାଗଡ, (ନିପ୍ର) : ପାଟଣାଗଡ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିବେକାନନ୍ଦ ମେହେରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିବା ବେଳେ ସେ ଗତ ୨ ବର୍ଷ ହେବ ଅସୁସ୍ଥ ଥିଲେ । ବାରମ୍ବାର ସେ ଡାଏଲିସିସ୍ ହେଉଥିବା ମଧ୍ୟ ମିଳିଥିବା ସୂଚନାରେ କୁହାଯାଇଛି । ତେବେ ଶନିବାର ରାତିରେ ତାଙ୍କର ଦେହ ଅଧିକ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ କଟକ ନେବା ବେଳେ ରାସ୍ତାରେ ତାଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ପରଲୋକ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ମେହେର ପାଟଣାଗଡ ନିର୍ବାଚନ ମଣ୍ଡଳୀରୁ ୨ ଥର ବିଧାୟକ ମନୋନୀତ ହୋଇଥିଲେ । ସପ୍ତମ ବିଧାନ ସଭା ୧୯୭୭ ମସିହାରୁ ୧୯୮୦ ମସିହା ପର୍ଯ୍ୟନ୍ତ ଏବଂ ଦଶମ ବିଧାନ ସଭା ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଜନତା ଦଳରୁ ଟିକେଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ୧୯୮୧ ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଜନତା ଦଳ ତରଫରୁ ବଲାଙ୍ଗିର ଜିଲ୍ଲା ସଭାପତି ଭାବେ ମଧ କାର୍ଯ୍ୟ ତୁଲାଇଥିଲେ । ତାଙ୍କ ସମୟରେ ସେ ଜଣେ ପ୍ରଖର ରାଜନୈତିକ ବ୍ୟକ୍ତି ଭାବେ ଅଂଚଳରେ ଜଣାଶୁଣା ଥିବା ବେଳେ ଲୋକାଭିମୁଖୀ କାର୍ଯ୍ୟକଳାପ ଯୋଗୁଁ ସେ ବିଶେଷ ଲୋକପ୍ରିୟ ହୋଇ ପାରିଥିଲେ ।

# ଭୋଇପାଲିରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ : ୪୧ ୟୁନିଟ ରକ୍ତ ସଂଗ୍ରହ

ଲୋଇସିଂହା, (ନିପ୍ର) : ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଲୋଇସିଂହା ବ୍ଲକ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଉପରବାହାଲ ପଂଚାୟତ ଅଧିନ ଭୋଇପାଲି ଗ୍ରାମ ଠାରେ ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

ଓଡିଶା ମୋ' ପରିବାର ଆନୁକୁଲ୍ୟରେ ତଥା ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଂଜନ ବେହେରାଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ନେହେରୁ ବିଶ୍ୱାଳ, ବିଜୁ ଛାତ୍ର ଜନତା ଦଳର ଉପସଭାପତି ଟିଙ୍କୁଲୁ କଦମ, ଯୁବ ଜନତା ଦଳର ଲୋଇସିଂହା ବ୍ଲକ ସଭାପତି ପ୍ରକାଶ ମହାରଣା, କାର୍ଯ୍ୟକାରୀ ସଭାପତି ଅନନ୍ତ ସାହୁ, ସରୋଜ ବେହେରା, ସରୋଜ ମହାକୁର, ପ୍ରଦୀପ ସାହୁ, ଆଇଟି ସେଲର ଅଂଶୁମାନ ଗୁରୁ, ଦିଲୀପ ମନହୀରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ବଲାଂଗିର ରକ୍ତ ଭଣ୍ଡାରର ସେକ ଅଶରଫ ଅଲ୍ଲୀ, ଅକ୍ଷୟ ବାଗ, ଅଜିତ ସାହୁ, ସୌଭାଗ୍ୟ ମହାପାତ୍ର ଓ ଡ.ଦୀପକ ସେନ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

# ସଂଗ୍ରାମୀ ଆଦିବାସୀ ନେତା ବ୍ରଜ କିଶୋର ସିଂ ଭୋଇଙ୍କୁ ହରାଇ କାନ୍ଦୁଛି ମାଟି



ସଇଁତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ଜମିଦାର ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ରମେଶ ଚନ୍ଦ୍ର ସିଂ ଭୋଇଙ୍କ ବଡ଼ ପୁଅ ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ମହାସଂଘ ସଭାପତି ବ୍ରଜକିଶୋର ସିଂ ଭୋଇଙ୍କ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୭.୪୦ରେ ମୃତ୍ୟୁ ଘଟିଛି । ଖବର ପ୍ରସାରିତ ହେବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ମତେ ସେ ସଇଁତଲା ଜମିଦାର ସ୍ୱର୍ଗତ ରମେଶ ସିଂ ଭୋଇଙ୍କ ପରିବାରରେ ୩୦.୧୨.୧୯୪୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସଂଗ୍ରାମୀ ଆଦିବାସୀ ନେତା ବ୍ରଜକିଶୋର ସିଂ ଭୋଇ । କିଛି ଦିନ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଚିନ୍ତିତ ଥିବା ବେଳେ ଭାଙ୍ଗି ପଡିଥିଲେ ସେ । ବର୍ତ୍ତମାନ କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜିରେ ଲଗାଇ ଲୋକଙ୍କ ପାଇଁ ଲଢେଇ କରି ଆସୁଥିଲେ ।

ସେ ଉଚ୍ଚ ଶିକ୍ଷା ଲାଭ କରିବା ପରେ ପ୍ରଥମେ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆରେ ବ୍ୟାଙ୍କ ମ୍ୟାନେଜର ଭାବରେ କାର୍ଯ୍ୟରତ ଥିଲେ । ହେଲେ ତାଙ୍କ ଇଚ୍ଛା ଚାକିରୀରେ ନ ଥିଲା । ଶେଷରେ ଚାକିରୀ ଛାଡି ଦେଇ ରାଜନୀତିରେ ପାଦ ଦେଲେ । ରାଜନୀତିରେ ପାଦ ଦେବା ପରେ ପ୍ରଥମେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ସ୍ୱର୍ଗତ ଜମିଦାର ତଥା ପୂର୍ବତନ ବିଧାୟକ ରମେଶ ସିଂ ଭୋଇ ଅନେକ ଥର ବିଧାୟକ ହେବା ପରେ ତାଙ୍କ ବଡ ପୁଅ ରାଜନୀତି ମଇଦାନକୁ ଆସିବାକୁ ଇଚ୍ଛା କରିଥିଲେ । ପରେ କଂଗ୍ରେସ ଦଳକୁ ଛାଡି ବିଜେପିରେ ସେ ସାମିଲ ହୋଇଥିଲେ । ହେଲେ ସେହି ଦଳରେ ବି ତାଙ୍କ ଇଚ୍ଛା ରହିଲା ନାହିଁ । ପରେ ୨୦୧୪ ମସିହାରେ ଗୁନସର ଖେଳପଡ଼ିଆ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓଙ୍କ ଉପସ୍ଥିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କରିବା ସହ ବିଜେଡିରେ ସାମିଲ କରିଥିଲେ । ସେ ସଇଁତଲା ଆଇନଜୀବୀ, ଆଦିବାସୀ ବାର୍ତା ସମ୍ପାଦକ, ପଶ୍ଚିମାଂଚଳ ଆଦିବାସୀ ମହାସଂଘ କାର୍ଯ୍ୟକାରୀ ସଭାପତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବା ପରେ ଦିନ ରାତି ଏକ କରି ସେ ଆଦିବାସୀ ମାନଙ୍କ ସ୍ୱରରେ ସ୍ୱର ମିଶାଇ ଲଢେଇ କରୁଥିଲେ । ତେବେ ଏଭଳି ଜଣେ ସଂଗ୍ରାମୀଙ୍କୁ ହରାଇ କାନ୍ଦୁଛି ମାଟି । ତାଙ୍କ ଅକାଳ ବିୟୋଗରେ ସମଗ୍ର ଆଦିବାସୀ ସମାଜ ମର୍ମାହତ । ତାଙ୍କ ବିୟୋଗରେ ସାରା ଓଡ଼ିଶାରେ ଆଦିବାସୀ ସମାଜର ଅପୂରଣୀୟ କ୍ଷତି ଘଟିଛି । ସାରା ରାଜ୍ୟରେ ଘରେ ଘରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ସେ । ତାଙ୍କ ସାନ ଭାଇ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ସୁରେନ୍ଦ୍ର ସିଂ ଭୋଇ ତାଙ୍କୁ ହରାଇ ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି । ବଡ଼ଭାଇଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

ଓଡ଼ିଶା ଶିଶୁ ଓ ମହିଳା ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, କଂଟାବାଂଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ସାଂସଦ ତଥା ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗିର ଜିଲ୍ଲା ସାଂବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, କୋଶଳ ରାଜ୍ୟ ସମନ୍ୱୟ କମିଟିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର, ଓୟୁଜେ ଜିଲ୍ଲା ସଂଘ ସଭାପତି ଦୀପକ ସମଜଦାର, ବଲାଙ୍ଗିର ଜିଲ୍ଲା ପେସାଦାର ସାଂବାଦିକ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସଇଁତଲା ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝୀ, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ନିରଞ୍ଜନ ବିଶି ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# କରୋନା ଯୋଦ୍ଧା ଡାକ୍ତର ଦିଲ୍ଲୀପ ଷଡ଼ଙ୍ଗୀ ଚାଲିଗଲେ କରୋନାରେ



ବଲାଙ୍ଗିର, (ନିପ୍ର) : କରୋନା ମହାମାରୀରେ ଆଗଧାଡିର ଯୋଦ୍ଧା ଡା. ଦିଲ୍ଲୀପ ଷଡ଼ଙ୍ଗୀ ଚାଲିଗଲେ କରୋନା ସଂକ୍ରମଣରେ । କରୋନା ଯୋଦ୍ଧା ଭାବେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଯାକ ଡୋଜ୍ ଟିକା ନେଇ ମଧ ସେ କରୋନା ସହ ମୁହାଁମୁହିଁ ହେବା ବେଳକୁ ହାରି ଯାଇଛନ୍ତି । ଅନ୍ୟକୁ ଚିକିତ୍ସା କରୁଥିବା ଡାକ୍ତର ନିଜେ ଉପଯୁକ୍ତ ଚିକିତ୍ସା ସେବା ପାଇ ନଥିବା ଅଭିଯୋଗ ହୋଇଛି । କରୋନା ସଂକ୍ରମଣର ୫ ଦିନ ମଧରେ ସେ ଆଖି ବୁଜିଛନ୍ତି ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ସେ କୋଭିଡ଼ ପଜିଟିଭ୍ ବୋଲି ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ କୁହାଯାଇଥିଲା । ଘରେ ୪ ଦିନ ରହିବା ପରେ ପରେ ସେ ଅଧିକ ଅସୁସ୍ଥ ଅନୁଭବ କରିବାରୁ ଶୁକ୍ରବାର ଅପରାହ୍ନରେ ବରଗଡ଼ ସ୍ଥିତ ଏକ ଘରୋଇ ହସପିଟାଲକୁ ଯାଇଥିଲେ । ମାତ୍ର ସେଠାରେ ଆଇସିୟୁ, ଭେଂଟିଲେଟର କିମ୍ବା ଅକ୍ସିଜେନ କିଛି ବି ମିଳି ନଥିବା ବେଳେ ସେଠାରୁ ବିନା ଚିକିତ୍ସାରେ ତାଙ୍କୁ ଫେରାଇ ଦିଆ ଯାଇଥିବା କୁହାଯାଇଛି । ଏହାପରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲକୁ ଯିବା ବାଟରେ ବୌଦ୍ଧଠାରେ ତାଙ୍କ ଦେହାନ୍ତ ଘଟିଥିବା କୁହାଯାଇଛି । ତେବେ ବଲାଙ୍ଗିର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ରୋଗୀ ସେବା କରି ଚର୍ଚ୍ଚାରେ ରହିଥିଲେ ଡାକ୍ତର ଦିଲ୍ଲୀପ । ୧୯୮୧ ମସିହାରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲରୁ ମାଟ୍ରିକ୍ ପାସ୍ ପରେ ରାଜେନ୍ଦ୍ର ମହାବିଦ୍ୟାଳୟରେ ପଢ଼ିଥିଲେ । ପରେ ବଲାଙ୍ଗିର ଆୟୁର୍ବେଦ ମହାବିଦ୍ୟାଳୟରୁ ୧୯୮୮ ମସିହାରେ ବିଏଏମଏସ ଡିଗ୍ରୀ ହାସଲ କରିଥିଲେ । ୨୦୦୦ ମସିହାରେ କଳାହାଣ୍ଡି ଜିଲ୍ଲାର ଏମ.ରାମପୁର ବ୍ଲକ ଅନ୍ତର୍ଗତ ଦୁର୍ଗମ ଉର୍ଲାଦାନୀରେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା । ୨୦୧୫ ମସିହାରେ ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ସାଗରପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ମିଳିଥିଲା । ସେଠାରେ ୫ବର୍ଷ ରହିବା ପରେ ଗତ ସେପଟେମ୍ବର ମାସରେ ତାଙ୍କୁ ଲୋଇସିଂହା ବ୍ଲକ୍ ?ର ରାକ୍ସିମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲା । ଯେଉଁଠି ବି ସେ ଦାୟିତ୍ୱ ନିଭେଇବା ପାଇଁ ପହଂଚିଛନ୍ତି, ସେଠାରେ ସେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ । ପରିବାରରେ ତାଙ୍କ ସ୍ତ୍ରୀଙ୍କ ସମେତ ଦୁଇଝିଅ ରହିଛନ୍ତି । ଭୁବନେଶ୍ୱର ଯାଉଥିବା ବାଟରେ ମୃତ୍ୟୁ ଘଟିବାରୁ ବୌଦ୍ଧରୁ ତାଙ୍କୁ ଫେରାଇ ଅଣାଯାଇଥିଲା । ଟିଟିଲାଗଡ଼ ରୋଡ଼ସ୍ଥିତ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର କରାଯାଇଛି । ବଡ଼ ଝିଅ ଶିଖା ସ୍ମରଣିକା ମୁଖାଗ୍ନି ଦେଇଥିବା ଖବର ମିଳିଛି । ଡା. ଷଡ଼ଙ୍ଗୀଙ୍କ ବିୟୋଗରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# କରୋନା ସଂକ୍ରମଣକୁ ନେଇ କେନ୍ଦ୍ରକୁ ଟାର୍ଗେଟ କଲେ ନରସିଂହ : ସଂକ୍ରମଣ ରୋକିବା ଚେଷ୍ଟା ନକରି ପ୍ରଚାରରେ ବ୍ୟସ୍ତ ପ୍ରଧାନମନ୍ତ୍ରୀ

## କରୋନାକୁ ନେଇ ନିଜର ଉତ୍ତରଦାୟିତ୍ୱ ପାଳନ କରନ୍ତୁ ରାଜ୍ୟ ସରକାର : ନରସିଂହ





ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣକୁ ନେଇ କେନ୍ଦ୍ରର ମୋଦୀ ସରକାରକୁ ଟାର୍ଗେଟ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର । ସେ ଏକ ପ୍ରେସ ବିବୃତ୍ତି ମାଧମରେ କହିଛନ୍ତି ଯେ, କରୋନାର ଦ୍ୱିତୀୟ ଲହର ପ୍ରଥମ ଲହରି ଠାରୁ ଅଧିକ ମାରାତ୍ମକ ଅଟେ । ଦୁର୍ଭାଗ୍ୟର ବିଷୟ ଯେ, ମୋଦୀ ନେତୃତ୍ୱାଧୀନ କେନ୍ଦ୍ର ସରକାର କରୋନା ମହାମାରୀ ସଂକ୍ରମଣକୁ ରୋକିବାରେ ସଂପୁର୍ଣ୍ଣ ଫେଲ ମାରିଛି । ବର୍ତ୍ତମାନ ଦେଶର ପ୍ରଧାନମନ୍ତ୍ରୀ କରୋନା ସଂକ୍ରମଣ ଯେପରି ନ ବଢ଼ିବ, ଲୋକେ ଯେପରି ଏହାର ସଂକ୍ରମଣ ଦାଉରୁ ରକ୍ଷା ପାଇବେ ସେ ଉପରେ ପଦକ୍ଷେପ ନନେଇ ସେ କେବଳ ହୀନ ରାଜନିତୀରେ ବ୍ୟସ୍ତ ଅଛନ୍ତି । କରୋନା ସଂକ୍ରମଣକୁ ଅଣଦେଖା କରି ସେ କେବଳ ପଶ୍ଚିମବଙ୍ଗ ନିର୍ବାଚନରେ ନିଜ ଦଳ ପାଇଁ ପ୍ରଚାର କରୁଛନ୍ତି । ଫଳରେ ଏହାର କୁପ୍ରଭାବ ସାରା ଦେଶରେ କରୋନା ଲଢେଇ ଉପରେ ପଡୁଛି । ଆମ ରାଜ୍ୟ ଓଡିଶାର କଥା ଚିନ୍ତା କଲେ, ରାଜ୍ୟରେ ଏବେ ଔଷଧ, ଅକ୍ସିଜେନ ସିଲିଣ୍ଡର, ଏମ୍ବୁଲାନ୍ସ, ହସପିଟାଲ ବ୍ୟାଡ୍ ତଥା କରୋନା ଟୀକାର ମଧ ଘୋର ଅଭାବ ଦେଖାଦେଇଛି । ଏହାକୁ ନେଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ମଧ ଅଣଦେଖା କରୁଛନ୍ତି । ଏପରିକି ସବୁଥିରୁ ବେଶୀ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କ ଫୋନକୁ ମଧ ଗ୍ରହଣ କରୁ ନାହାନ୍ତି । ଏପରି ସ୍ଥଳେ ସଂକ୍ରମଣରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନହାନୀ ପାଇଁ ଯଦି କିଏ ଦାୟୀ ତେବେ ଏହା କେବଳ କେନ୍ଦ୍ରର ମୋଦୀ ସରକାର ବୋଲି ସେ କହିଛନ୍ତି । ସେ ଏହା ମଧ କହିଛନ୍ତି ଏହିପରି ଏକ ଘଡି ସନ୍ଧି ମୁହୁର୍ତ୍ତରେ ଆମ ରାଜ୍ୟ ସରକାର ଚୁପ ହୋଇ ବସିଯିବା ଠିକ୍ ନୁହଁ ।

ରାଜ୍ୟରେ ମଧ ସରରକାର ସମସ୍ତ ଶକ୍ତି ଖଟାଇ ଲୋକଙ୍କ ଜୀବନ ରକ୍ଷା ପାଇଁ କରୋନା ସଂକ୍ରମଣ ବିରୁଦ୍ଧରେ ଠୋସ୍ ପଦକ୍ଷେପ ନେବା ଆବଶ୍ୟକ । ଲୋକେ ଯେମିତି ଠିକ ସମୟରେ ଔଷଧ, ଟୀକା ଓ ସେବା ପାଇପାରିବେ ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଆହୁରି ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ପରୀକ୍ଷା କରି ସେମାନଙ୍କ ସହିତ ରାଜ୍ୟବାସୀଙ୍କୁ ମଧ ସୁରକ୍ଷିତ କରିବା ନିହାତି ଜରୁରି ବୋଲି ଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି ।

# ନିଆରା ଚିନ୍ତନ : ଜନ୍ମଦିନରେ ଅଙ୍ଗଦାନ ଅଭିଯାନରେ ସାମିଲ୍ ହେଲେ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର



ବଲାଙ୍ଗିର, (ନିପ୍ର) : ବିଜେଡି ନେତ୍ରୀ ତଥା ଓଟିଡିସି ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କରିଛନ୍ତି । ସେ କଟକସ୍ଥିତ 'ସମାଜ' କାର୍ଯ୍ୟାଳୟକୁ ଯାଇ ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶରୀର ଓ ଅଙ୍ଗଦାନ ଅଭିଯାନରେ ସାମିଲ ହୋଇଛନ୍ତି । ଶ୍ରୀମତୀ ମିଶ୍ର ସମାଜ କାର୍ଯ୍ୟାଳୟ ପରିସରରେ ଥିବା 'ଶରୀର ଓ ଅଙ୍ଗଦାନ ଅଭିଯାନ' ସଭାପତି ତଥା ଲୋକସେବକ ମଣ୍ଡଳର ସମ୍ପାଦକ ଡଃ ପ୍ରଭାସ ଆଚାର୍ଯ୍ୟ ଓ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତାଙ୍କୁ ଭେଟି ମୃତ୍ୟୁ ପରେ ତାଙ୍କର ଶରୀରକୁ ଅନ୍ୟକୁ ଦାନ କରିବା ନିମନ୍ତେ ଆନୁଷ୍ଠାନିକ ଚୁକ୍ତି ଓ ସତ୍ୟପାଠ କରିଛନ୍ତି । ଶ୍ରୀମତୀ ମିଶ୍ର ଅଙ୍ଗଦାନ ପାଇଁ ଅଙ୍ଗୀକାରବଦ୍ଧ ହେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସଚେତନତାର ଅଭାବ ହେଉ କି ଅନ୍ଧବିଶ୍ୱାସ ଯୋଗୁଁ ଭାରତରେ ସେଭଳି ଆଖିଦୃଶିଆ ଅଙ୍ଗଦାନ ହୋଇପାରିନାହିଁ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ପ୍ରତିବର୍ଷ ପ୍ରାୟ ୫ଲକ୍ଷ ଲୋକଙ୍କର ଶରୀରର ବିଭିନ୍ନ ଅଙ୍ଗ ଅକାମୀ ହୋଇଯାଉଥିବାରୁ ସେମାନଙ୍କର ମୃତ୍ୟୁ ହେଉଛି । ତେଣୁ ଅଙ୍ଗଦାନ କରି ଯଦି ଏଭଳି ଲୋକଙ୍କ ମୁହଁରେ ଓ ସେମାନଙ୍କର ପରିବାର ମୁହଁରେ ଟିକେ ହସ ଫୁଟାଇ ପାରିବା, ତା'ହେଲେ ଏହାଠାରୁ ବଡ ମହତ କାମ ଓ ଆତ୍ମସନ୍ତୋଷ ଆଉ କିଛି ହୋଇନପାରେ । ଅଙ୍ଗଦାନ ସବୁଠୁ ମହତ ଦାନ । ମୃତ୍ୟୁପରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରାଗଲେ ଅନେକ ମୂଲ୍ୟବାନ ଜୀବନ ବଂଚାଇ ହେବ । ନିକଟରେ ଦିଲ୍ଲୀରେ ମାତ୍ର ୨୦ମାସର ଶିଶୁ ବ୍ରେନ୍ ଡେଡ୍ ଅବସ୍ଥାରେ ନିଜର ଅଙ୍ଗଦାନ କରି ୫ଜଣଙ୍କ ଜୀବନକୁ ବଂଚାଇ ପାରିଛି । ତେଣୁ ମୃତ୍ୟୁ ପରେ ମୋର ଶରୀର ଅନ୍ୟ କାହାରି ଜୀବନ ବଂଚାଇବା ସହ ଚିକିତ୍ସା ବିଜ୍ଞାନ ଗବେଷଣା ପାଇଁ ଉପଯୋଗ ହେଉ ବୋଲି ଆଶା ରଖି ଅଙ୍ଗଦାନ ନିମନ୍ତେ ଚୁକ୍ତିବଦ୍ଧ ହୋଇଛି । ମୃତ୍ୟୁ ପରେ ଯଦି ଆମର ଶରୀର ଅନ୍ୟର କାମରେ ଆସିପାରୁଛି ଓ ଅନ୍ୟମାନଙ୍କ ଜୀବନ ବଂଚାଇବାରେ ସହାୟକ ହେଇପାରୁଛି, ତା'ହେଲେ ଏଥିପ୍ରତି ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି । ଓଟିଡିସି ଅଧକ୍ଷା ଶ୍ରୀମତୀ ମିଶ୍ର ଅଙ୍ଗଦାନ ପାଇଁ ଚୁକ୍ତିବଦ୍ଧ ହୋଇଥିବା ବେଳେ 'ଶରୀର ଓ ଅଙ୍ଗଦାନ ଅଭିଯାନ' କାର୍ଯ୍ୟାଳୟ ପରିସରରେ ଦୈନିକ ସମାଜର ପ୍ରିଣ୍ଟର୍ସ ଓ ପବ୍ଲିସର ନିରଞ୍ଜନ ରଥ ଏବଂ କାର୍ଯ୍ୟକାରୀ ଜେନେରାଲ ମ୍ୟାନେଜର ପ୍ରିୟବ୍ରତ ମହାନ୍ତି, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଆଶୀଷ ମିଶ୍ର, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅପର୍ଣ୍ଣା ଦାସ, ଛାତ୍ର ବିଜେଡି ସମ୍ପାଦିକା ପ୍ରୀତି ପ୍ରିୟଙ୍କା ଓ ଲକ୍ଷ୍ମୀପ୍ରିୟା ଦୀକ୍ଷିତ, ଛାତ୍ର ବିଜେଡି ଯୁଗ୍ମ ସମ୍ପାଦିକା ସୁପ୍ରୀତି ଶର୍ମା, ପୂର୍ଣ୍ଣିମା ବେହେରା ଓ ସୋନାଲି ସାହୁଙ୍କ ସମେତ କଟକ ପାନ୍ଥନିବାସର ମ୍ୟାନେଜର ତାରିକ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।


BODY ORGAN DONOR

I pledge to donate after death

All my Organs for the treatment of others and my Body to ........ AIIMS ........ Medical College ........ for Education & Research.

Name : SHREEMAYEE SWETA SNIGDHA MISHRA

Address : 952/3611, BEHERA SAHI NAYAPALLI, BHUBANESWAR

Tel. 9776640849 Bl.Gr. A+

Sign of donor : Shreemayee Sweta Snigdha mishra 17/04/2021

# ଚଳନ୍ତା ଟ୍ରେନରୁ ଖସି ପଡ଼ି ଜଣେ ଛାତ୍ରୀ ଗୁରୁତର



ଖୋର୍ଦ୍ଧା : ବ୍ରହ୍ମପୁର–ଭୁବନେଶ୍ୱର ମେମୁ ସ୍ପେଶାଲ ଟ୍ରେନରେ ଆସୁଥିବା ବେଳେ ଚଳନ୍ତା ଗାଡ଼ିରୁ ଖସି ପଡ଼ିଥିଲେ ଜଣେ ଛାତ୍ରୀ । ଏହାଫଳରେ ଛାତ୍ରୀ ଜଣକ ଗୁରୁତର ଆହତ ହୋଇ ବର୍ତ୍ତମାନ ରେଳବାଇ କର୍ମଚାରୀଙ୍କ ସହାୟତାରେ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଛି । ଛାତ୍ରୀ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଥିବା ଜଣାପଡିଛି । ଛାତ୍ରୀ ଜଣକ ହେଉଛନ୍ତି ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଅଂଚଳର ଗୋବିନ୍ଦପୁର ସାହି ଅନ୍ତର୍ଗତ ନିରଞ୍ଜନ ପ୍ରଧାନଙ୍କର ଝିଅ ସୁପ୍ରିୟା ପ୍ରଧାନ ବୋଲି ଜଣାପଡ଼ିଛି ।

# ବିପଦ ସଂକୁଳ ଅବସ୍ଥାରେ କଟଙ୍ଗପାଲି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା

ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ମିଠାପାଲି ଗ୍ରାମ ପଂଚାୟତ କଟଙ୍ଗପାଲି ପ୍ରଧାନମନ୍ତ୍ରୀ ସଡକ ଯୋଜନା ବର୍ତ୍ତମାନ ବିପର୍ଯ୍ୟୟ ହୋଇ ମରଣଯନ୍ତା ପାଲଟି ଯାଇଛି । ଏହି ରାସ୍ତାରେ ଲୋକେ ତଥା ଛାତ୍ରଛାତ୍ରୀ ମାନେ ପାଇକମାଲ ସ୍କୁଲ କଲେଜକୁ ପାଠପଢି ଯାଆନ୍ତି । ହେଲେ ଏହି ରାସ୍ତାରେ ସାଇକେଲ ମଧ ଚଳାଇବାକୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ହୋଇଥିଲେ ମଧ ସାଇକେଲ ଚଳାଇବା କଷ୍ଟକର ବ୍ୟାପାର ହେଉଛି । ଏହି ରାସ୍ତାରେ ଅନେକ ଉଚ୍ଚ ପଦାଧିକାରୀ ପ୍ରଶାସନିକ ଅଧିକାରୀ ନୈନ୍ଦିନ ଯାତାୟତ କରୁଛନ୍ତି । ହେଲେ କାହାରି ଧ୍ୟାନ ନାହିଁ । ଏପରି ରାସ୍ତାରେ ରୋଗୀ ତଥା ପ୍ରସୂତି ମହିଳାମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନେବା ଆଣିବା କାଠିକାର ପାଠ ହେଉଛି । ଏହି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତାକୁ ପାଇକମାଲ ଅ*ଳର ଜଣେ ନାମୀଦାମୀ ଠିକାଦାର ରାସ୍ତା କାମ କରିଥିଲେ । ଏହି ରାସ୍ତା କାମ ଅତିନିମ୍ନ କରି ଅର୍ଥ ହରିଲୁଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କଟଙ୍ଗପାଲି ଗ୍ରାମର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାକୁ ତୁରନ୍ତ ତଦନ୍ତ କରି ଠିକାଦାରଙ୍କ ବିରୁଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବୀ ହେଉଛି । ଏଣୁ ଏହି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାକୁ ପକା ରାସ୍ତା ନିର୍ମାଣ କରିବାକୁ କଟଙ୍ଗପାଲି ଗ୍ରାମବାସୀ ପକ୍ଷରୁ ଦୃଢ ଦାବୀ ହୁଏ ।



## ଅଚିହ୍ନା

**ଏଲି ମହାନ୍ତି**

ବେଳେ ବେଳେ ଲାଗେ
ତୁମେ ଗୋଟେ କାରାଗାର
ତୁମ ଭିତରେ ଅସଂଖ୍ୟ କୋଠରୀ
ଓ ମୁଁ ନେହ୍ଲାଏ ଚାବିକାଠି ଧରି
ଘୁରି ବୁଲୁଥିବା
ଜଣେ ମୋଟା ନିଶୁଆ ଲୋକ ଯିଏ
ନିଜେ ଖୋଲିପାରେନି
କୌଣସି ଗୋଟିଏ ଚାବି


ତୁମର ପ୍ରତି କୋଠରୀରେ
କେହି ନା କେହି ଖୋଜୁଥାଏ ମୁକ୍ତି
ଯୋଉମାନଙ୍କ ଭାଷା
ମୁଁ ବୁଝିପାରେନି
ସେମାନେ ଜାମିନଦାର୍ ଖୋଜନ୍ତି
ବିଶ୍ୱସ୍ତ ଓ ଦୟାଳୁ
ଯିଏ ଅଳ୍ପ କିଛି ବିନିମୟରେ
ପିନ୍ଧିନେବ ଶୋଷ
ଫେରିଯିବ ଅଚିହ୍ନା ହେଇ
ଜାଣିବାକୁ ଚାହିଁବ ନାହିଁ
କାହାକୁ ମୁକୁଳେଇଲା ଓ
କଣ ପାଇଁ ?

ନିର୍ଦ୍ଦେଶ ପାଇବା ପରେ
ମୁଁ ଚାବିକାଠି ଖୋଜିବି
ଓ ଖୋଲିଦେବି କୋଠରୀ
ଜାଣିଥିବି ଏତେଦିନ
ବିକଳ ହେଇ
ଚାହିଁଥିବା ବନ୍ଦୀ
ମୁକ୍ତିପରେ ଥରଟେ ମୋତେ
ଲେଉଟି ଦେଖିବ ନାହିଁ
ତଥାପି କାହିଁକି କେଜାଣି
ଚାବି ଖୋଲିବା ବେଳେ
ମୁଁ ମୋର ଉଚ୍ଚତା ମାପୁଥିବି ଓ
ମୁକ୍ତିଦାତା ଭଳି ଦିଶୁଥିବି

ସେତେବେଳେ ପବନକୁ
ଆଡେଇ ଦେଇ
ମୋ ଦୀର୍ଘନିଶ୍ୱାସ ଚାଲିଥିବ
ଜବାନ ଭଳି ପରେଡରେ

ନା ବନ୍ଦୀ ନା ରକ୍ଷୀ
ପରିଚିତି ସବୁବେଳେ ତୁମଠାରୁ
କେବଳ ନେହ୍ଲାଏ ଚାବିକାଠି ସହ
ଘୁରିବୁଲୁଥିବା
ଗୋଟିଏ ବିରାଟ ତାଲା ମୁଁ
ତୁମ ପ୍ରଥମ ଦରଜାର ।।





## କର୍ଫ୍ୟୁ

**ପ୍ରଦୀପ କୁମାର ପଣ୍ଡା**

ଈଶ୍ୱର ଓ ମୃତ୍ୟୁର ଦୋକାନ ହିଁ ଖୋଲା ।
ସେତକ ଅତ୍ୟାବଶ୍ୟକ ।
ଥୁକଦାନିରେ ଫୋପାଡି ଦେଇ ଆସ ଲାଳସା ଓ ପଶ ।

ବେପାରୀର ଲାଳଘେଙ୍ଗାଳରେ ପାଲିସ୍ ମରା
ସୁନ୍ଦର ସୁନ୍ଦର ମୃତ୍ୟୁ ଛୋଟ ପିଲାଙ୍କ ପାଇଁ
ଓ ବୁଢ଼ାମାନଙ୍କ ପାଇଁ ବିକଟାଳ ଈଶ୍ୱରଙ୍କ ମୁହଁ ।

ଏଇଠୁ ଅର୍ଜିବାକୁ ହେବ ଅପରିଣତ ଜୀବନର ପରିଣାମ ।
ତୁମେ ଭାବୁଛ ତୁମେ ଚାଲି ଆସିଛ ଅନେକ ଦୂର,
ଯେଉଁଠୁ ଆଉ ଚିହ୍ନା ପଡିବ ନାହିଁ
ପ୍ରେମ ଓ ହିଂସାର ଅଦ୍ଭୁତ ଭିନ୍ନତା ।
ଠିକ୍ ଭାବିଛ ।
ସେତକ ଅପୂର୍ଣ୍ଣତା ନଥିଲେ ମୁଣିରେ
କିଏ କାହିଁକି ଆସିବ ଏ ବିପର୍ଯ୍ୟୟରେ ।


ତୁମେ ଜାଣ ପୁରୁଣା ଈଶ୍ୱର ଚପଲ ପିନ୍ଧନ୍ତି ନାହିଁ
ଓ ଭୟାନକ ବଢିଲା ନଈ ପରି ଗର୍ଜନ୍ତି,
ଯେମିତି ଏଇ ଲଙ୍ଘିଯିବ କୂଳ
ଓ ଉଜୁଡି ଯିବ ଗାଁ ଗଣ୍ଡା ।

ଆତଙ୍କର ଶୂନ୍ୟସ୍ଥାନରେ ହିଁ ସଜାଇବାକୁ ହେବ
ତାଙ୍କର ଅବୟବ ।
ହାତ ଥିବ ବା ନଥିବ କିନ୍ତୁ ଖର୍ପର ଥିବ,
କାନ ଥିବ ବା ନଥିବ
କିନ୍ତୁ ଲକ୍ଷେ ଯୋଜନରୁ ଶୁଣି ପାରୁଥିବ,
ଗୋଡ଼ ଥିବ ବା ନଥିବ ସୁମରଣା କଲେ
ଉଭା ହୋଇ ଯାଉଥିବ
ମହମବତୀର ଲିଭିଗଲା ପରର ଗଂଧ ପରି
ଓ ତାଙ୍କର ଥିବାର ପ୍ରମାଣ ସୂଚାଉଥିବ ବିଭୀଷିକା ।

ବାକି ଯେତକ ଭୋକ,
ଯଥା ଗୋଟେ ରକ୍ତଭରା ଚୁମା,
ଗୋଟେ କର୍କଶ ସଙ୍ଗୀତ,
ଗୋଟେ ବାସି ସିଙ୍ଗଡା ଓ ଗୋଟେ ଆର୍ତ୍ତର ଉଦଗୀରଣ,
ସବୁ ମହଜୁଦ ଅଛି ଗଲା ସନର ଯୁଦ୍ଧ କାଳରୁ ।

ତୁମର କେତୋଟି ଦରକାର ମୃତ୍ୟୁ ?
ଈଶ୍ୱର ଷ୍ଟକ୍ କିନ୍ତୁ ଅଳ୍ପ,
ବେଶୀ ହେଲେ ଟୁକୁରାଏ ଦି'ଟୁକୁରା
ପଡିବ ତୁମର ଭାଗରେ ।

ସ୍ୱେଚ୍ଛାରେ କିଛି ମିଳେନା ସାର୍,
ନା ମୃତ୍ୟୁ ନା କର୍ଫ୍ୟୁ !!



## ସ୍ୱୀକାରୋକ୍ତି

**ଆନଂଦ ଚଂଦ୍ର ସାହୁ**

କିଛି ହାତେଇବାର ଲୋଭ
ମୋର ବି ଥିଲା
ହେଲେ ପାରିଲିନି ।

ଏତେ ବିଶାଳ ପୃଥିବୀରେ
କିଛି ହାତେଇ ନ ପାରିବା
ହୋଇପାରେ ମୋର ଅପାରଗତା
କପାଳକୁ ନିନ୍ଦିବା ତ'
କାଳ କାଳର ଚିରାଚରିତ କଥା ।

ନିଜ ଅପାରଗ ପଣକୁ ନେଇ
ଗୁଣୁଗୁଣେଇଲି
ଏଠି, ସେଠି, ସବୁଠି...
ଏବେ ତୁମ ପାଇଁ ଯାହା
ବିମୁଗ୍ଧ କବିତା ।

ଆଜିକାଲି କିଂତୁ
ମତେ ଆଉ ବିଚଳିତ କରି ପାରୁନି
କିଛି ହାତେଇ ପାରି ନଥିବା ଦୁଃଖ...
ସତେ ଯେମିତି ସେଇ ଦୁଃଖ
ଲଭି ସାରିଛି ଚରମ ପରାସ୍ତ ।



ଆଖି ଭର୍ତ୍ତି ଫଗୁଣ
ଛାତିରେ କବିତାର ଉଲ୍ଲାସ
ଚାରିପାଖେ ମନ ପଢ଼ି ପାରୁଥିବା
ଖଜ୍‌ବଜ୍ ମଣିଷ...
ଆଉ କାହିଁ ଦୁଃଖ
କବିତାର ବିମୁଗ୍ଧ ପବନରେ
ଚିର ପଲ୍ଲବିତ ବିଭୋର୍ ବିଶ୍ୱାସ ।।

❑



# ଚାଇନା ତାଇୱାନ ଉପରେ ଆକ୍ରମଣ କରିପାରେ : ଅଷ୍ଟ୍ରେଲିଆ ଭୟଙ୍କର ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କଲା



ବେଜିଂ : ଆସନ୍ତା ୫ ବର୍ଷ ମଧ୍ୟରେ ତାଇୱାନ ଉପରେ ଚୀନ୍‌ର ଆକ୍ରମଣକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ସେନା ଡ୍ରାଗନ୍ ସହ ଯୁଦ୍ଧ ପାଇଁ ପ୍ରସ୍ତୁତି ବଢ଼ାଇଛି । ସୂଚନାନୁସାରେ, ଅଷ୍ଟ୍ରେଲିଆ ସେନା ଚୀନ୍ ସହିତ ଯୁଦ୍ଧ ପାଇଁ ରଣନୀତି ଆପଣେଇଛି । ସେନା ଅଧିକାରୀମାନେ ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଯୁଦ୍ଧ ସମୟରେ ଆମେରିକାର ସେନା ତଥା ଅନ୍ୟ ସହଯୋଗୀ ଦେଶମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ କଲିନ୍ସ ଶ୍ରେଣୀର ସବମେରାଇନ୍ ଏବଂ ସୁପର୍ ହର୍ନେଟ୍ ଯୁଦ୍ଧ ବିମାନ ତାଇୱାନ ଷ୍ଟ୍ରାଇଟ୍‌କୁ ପଠାଯାଇ ପାରିବ । ଡେଲି ମେଲ୍ ରିପୋର୍ଟ ଅନୁଯାୟୀ, ବଢୁଥିବା ଟେନସନରେ ଅଷ୍ଟ୍ରେଲିଆ ଏବଂ ଅନ୍ୟ କ୍ୱାର୍ଡ ଦେଶ – ଜାପାନ, ଭାରତ ଏବଂ ଆମେରିକା ଉପରେ ଚୀନ୍ ଡ୍ରାଗନ୍ ସୈନ୍ୟବାହିନୀର ଚାପ ବଢ଼ିବାରେ ଲାଗିଛି । ସାମ୍ପ୍ରତିକ ସମୟରେ ଚୀନ୍ ସେନା ସମଗ୍ର ଅଂଚଳରେ ଅତ୍ୟଧିକ ଆକ୍ରମଣାତ୍ମକ ହୋଇପଡିଛି । ସେ ହଂକଂରେ ଗଣତନ୍ତ୍ର ସମର୍ଥକ ଏବଂ ଉଇଗରମାନଙ୍କୁ ପରାସ୍ତ କରିଛି । ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଶାସନ ସମୟରେ ଚୀନ୍ ସହିତ ତାଇୱାନକୁ ଏକୀକରଣ କରିବା ପାଇଁ ଚୀନ୍ ତାଇୱାନ ଉପରେ ନିଜର ସାମରିକ ଶକ୍ତି ବ୍ୟବହାର କରିପାରେ ବୋଲି ଏବେ ଆଶଙ୍କା କରାଯାଉଛି ।

# ଗାଁ ବାହାରେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଦେହ ଉଦ୍ଧାର : ପୋଲିସ ପହଂଚିବା ପୂର୍ବରୁ ପରିବାର ଲୋକେ କରିଦେଲେ ଶବଦାହ



ସୀତାପୁର : ୟୁପି.ର ସୀତାପୁର ଜିଲ୍ଲାର ସଣ୍ଡା କୋଟୱାଲୀ ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଫାଶ ଲଗାଇ ପ୍ରେମୀ ଯୁଗଳ ଆତ୍ମହତ୍ୟା କରିଛନ୍ତି । ଉଭୟଙ୍କ ମୃତଦେହ ଗାଁ ବାହାରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ତେବେ ଉଭୟଙ୍କ ସମ୍ପର୍କୀୟମାନେ ମୃତଦେହକୁ ପୋଲିସ ପହଂଚିବା ପୂର୍ବରୁ ପୋଡି ଦେଇଥିବା ଜଣାପଡ଼ିଛି । ଘଟଣା ପରଠାରୁ ଗାଁରେ ବିଭିନ୍ନ ପ୍ରକାର ଆଲୋଚନା ବଜାର ଗରମ ହେଉଛି । ସୂଚନା ଅନୁସାରେ ବିସୱାନ ଅଂଚଳର ସାକ୍ରାନ ଖୁର୍ଦ ଗାଁର ଜଣେ ୧୮ ବର୍ଷ ବୟସ୍କ ଯୁବକ ଏହି ଗାଁର ୧୬ ବର୍ଷର ଯୁବତୀ ସହିତ ପ୍ରେମ ସମ୍ପର୍କ ରଖିଥିଲେ । ଦୁହେଁ ଦୁହିଙ୍କୁ ଦୀର୍ଘ ସମୟ ଧରି ପ୍ରେମ କରୁଥିଲେ । କୁହାଯାଇଛି, ପ୍ରେମୀ ଯୁଗଳ ବିବାହ କରିବାକୁ ଚାହୁଁଥିଲେ, କିନ୍ତୁ କିଶୋରୀଙ୍କ ପରିବାର ତାଙ୍କ ସମ୍ପର୍କ ଅନ୍ୟତ୍ର ସ୍ଥିର କରିଥିଲେ । ଏ ବିଷୟରେ ସୂଚନା ପାଇବା ପରେ ଉଭୟେ ରାଗିଯାଇ ଏକାଠି ମରିବାକୁ ସ୍ଥିର କରିଥିବା ବେଳେ ଉଭୟ ପ୍ରେମୀ ଶୁକ୍ରବାର ଠାରୁ ଘରୁ ଚାଲି ଯାଇଥିଲେ । ଯେତେବେଳେ ଉଭୟେ ଅଧିକ ସମୟ ଧରି ଘରକୁ ଫେରିଲେ ନାହିଁ, ପରିବାର ସଦସ୍ୟ ଖୋଜିବା ଆରମ୍ଭ କଲେ ।

ଶନିବାର ସକାଳେ ଗାଁର ଲୋକମାନେ ନିତ୍ୟକର୍ମ ପାଇଁ ଯାଇଥିବା ବେଳେ ଉଭୟଙ୍କ ମୃତଦେହ ଗାଁ ବାହାରେ ଥିବା ଜାମୁନ ଗଛରେ ଗୋଟିଏ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ପାଇଥିଲେ ଓ ସେମାନଙ୍କ ପରିବାର ଲୋକଙ୍କୁ ଏ ବିଷୟରେ ଅବଗତ କରିଥିଲେ । ସୂଚନା ପାଇବା ପରେ ପରିବାର ଲୋକେ ଘଟଣା ସ୍ଥଳରେ ପହଂଚିଥିଲେ ।

# ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦଙ୍କ ଜେଲରୁ ବାହାରିବାର ରାସ୍ତା ସଫା : ଝାଡଖଣ୍ଡ ହାଇକୋର୍ଟରୁ ମିଳିଲା ଜାମିନ



ରାଂଚି : ରାଷ୍ଟ୍ରୀୟ ଜନତା ଦଳ ସୁପ୍ରିମୋ ଲାଲୁ ପ୍ରସାଦ ଚାରା ଘୋଟାଲା ଦୁର୍ନୀତି ମାମଲାରେ ରାଂଚି ହାଇକୋର୍ଟରୁ ଜାମିନ ପାଇଛନ୍ତି । ଏହା ସହିତ ତାଙ୍କ ଜେଲରୁ ବାହାରିବା ରାସ୍ତା ସଫା ହୋଇଯାଇଛି । ଲାଲୁ ପ୍ରସାଦ ଦୁମ୍‌କା ଟ୍ରେଜେରୀରୁ ହୋଇଥିବା ହେର୍‌ଫେର୍ ମାମଲାରେ ଜାମିନ ପାଇଥିଲେ । ଦୁମ୍‌କା ଟ୍ରେଜେରୀରୁ ୩.୧୩ କୋଟି ଟଙ୍କା ବେଆଇନ ପ୍ରତ୍ୟାହାର ମାମଲାରେ ଲାଲୁ ହାଇକୋର୍ଟଙ୍କଠାରୁ ଏହି ଆରାମ ପାଇଛନ୍ତି । ହାଇକୋର୍ଟ ଲାଲୁ ପ୍ରସାଦ ଯାଦବଙ୍କୁ ଅଧା ଦଣ୍ଡାଦେଶ ପୂରା କରିଥିବା ଆଧାରରେ ଚାରା ଘୋଟାଲା ସ୍କାମରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ବିନା ଅନୁମତିରେ ସେ ଦେଶ ବାହାରକୁ ଯିବେ ନାହିଁ । ଚାଇବାସା ଏବଂ ଦେଓଘର ଟ୍ରେଜେରୀ ମାମଲା ଭଳି ଚାରା ଘୋଟାଲା ଦୁର୍ନୀତି ସହ ଜଡିତ ଅନ୍ୟ ମାମଲାରେ ଲାଲୁ ପ୍ରସାଦଙ୍କୁ ଜାମିନ ପ୍ରଦାନ କରାଯାଇଛି । କେବଳ ଦୁମ୍‌କା ଟ୍ରେଜେରୀର ମାମଲା ଏପରି ଥିଲା ଯେ, ଏଥିରେ ଲାଲୁଙ୍କୁ ଜାମିନ ପାଇବା ପରେ ଜେଲରୁ ବାହାରିବା ପାଇଁ ସଫା ହୋଇପାରିବ । ଏହି ମାମଲାରେ ମଧ୍ୟ ଝାଡଖଣ୍ଡ ହାଇକୋର୍ଟ ଲାଲୁଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

# ଗୁଣ୍ଡୁରିସାହିରୁ ୩ ଅହିରାଜ ଉଦ୍ଧାରକରି : ପଦ୍ମତୋଳା ଅଭୟାରଣ୍ୟରେ ଛାଡିଲେ ସ୍ନେକ୍‌ସ୍ ହେଲ୍ପ ଲାଇନର ସଦସ୍ୟ



ବୌଦ୍ଧ, (ନିପ୍ର) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଂଚାୟତ ଅନ୍ତର୍ଗତ ଗୁଣ୍ଡୁରିସାହି ଗ୍ରାମରୁ ୩ ଅହିରାଜ ସାପ ଉଦ୍ଧାର କରାଯାଇ ପଦ୍ମତୋଳା ଅଭୟାରଣ୍ୟରେ ଛଡାଯାଇଛି । ସୂଚନା ମତେ ରବିବାର ସକାଳ ପ୍ରାୟ ୭ ଘଟିକା ସମୟରେ ଦୁଇଟି ଅହିରାଜ ସାପ ଗୁଣ୍ଡୁରିସାହି ଗାଁ ମୁଣ୍ଡରେ ବାହାରି କ୍ରୀଡା କରୁଥିଲେ । ଗାଁର କିଛି ଲୋକ ଏହି ଦୃଶ୍ୟ ଦେଖି ସଙ୍ଗେ ସଙ୍ଗେ ସ୍ନେକ୍‌ସ୍ ହେଲ୍ପ ଲାଇନ ଓ ଜିଲ୍ଲା ବନ ଅଧିକାରୀଙ୍କୁ ଜଣାଇଥିଲେ । ସ୍ନେକ୍‌ସ୍ ହେଲ୍ପ ଲାଇନ ଓ ଜିଲ୍ଲା ବନ ବିଭାଗ ଖବର ପାଇ ପହଂଚିବା ବେଳକୁ ଅହିରାଜ ଦୁଇଟି ସାପ ଗାତ ଭିତରେ ପଶିଯାଇ କେବଳ ସେମାନଙ୍କର ମୁଣ୍ଡ ଦିଶୁଥିଲା । ବହୁତ ଚେଷ୍ଟା କରିବା ପରେ ସ୍ନେକ୍‌ସ୍ ହେଲ୍ପ ଲାଇନ ଟିମ୍ ୫ ଘଂଟା ପରିଶ୍ରମ ପରେ ଦିନ ୨ ଘଟିକା ସମୟରେ ସେହି ଗାତରୁ ସେ ଦୁଇ ଅହିରାଜଙ୍କୁ ଉଦ୍ଧାର କରିବା ପରେ ସେହି ଗାତ ଭିତରୁ ଆଉ ଗୋଟିଏ ଅହିରାଜ ସାପ ଉଦ୍ଧାର କରିଥିଲେ । ଦୁଇଟି ଅହିରାଜର ଲମ୍ୱ ୧୨ ଫୁଟ ଥିବାବେଳେ ଅନ୍ୟ ଅହିରାଜର ଲମ୍ୱ ୧୦ ଫୁଟ ବୋଲି ଜଣାପଡ଼ିଛି ।

# ତୁରନ୍ତ ଭଞ୍ଜନଗର ବସ୍ ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ଦାବୀ : ଜନଆନ୍ଦୋଳନ ପାଇଁ ଚେତାବନୀ



ବ୍ରହ୍ମପୁର, (ନିପ୍ର) : ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ନିର୍ମିତ ଭଞ୍ଜନଗର ନୂତନ ବସ୍ ଷ୍ଟାଣ୍ଡ ଉଦ୍‌ଘାଟନକୁ ୨ବର୍ଷ ବିତି ଯାଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କାମରେ ଲାଗୁନି । ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଅସ୍ଥାୟୀ ବସ ଷ୍ଟାଣ୍ଡରେ କୌଣସି ପ୍ରକାର ସୁବିଧା ନଥିବାରୁ ଯାତ୍ରୀମାନେ ଖରା ତରାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି । ବର୍ତ୍ତମାନ ପ୍ରବଳ ଖରା ଓ ଗରମ ହେଉଥିବା ବେଳେ ଯାତ୍ରୀଙ୍କ ପାଇଁ ଜଳଛତ୍ର କି ଶୌଚାଳୟର ସୁବିଧା ନାହିଁ । କେବଳ ସେମାନଙ୍କ ପାଇଁ ଗଛ ଛାଇ ହିଁ ଭରସା । ଏସବୁକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ଫୋରମ ତରଫରୁ ଏକ ଦାବୀପତ୍ର ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଦିଆଯାଇଛି । ଏଥିରେ ତୁରନ୍ତ ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରା ନଗଲେ ଆସନ୍ତା ମେ ମାସ ପ୍ରଥମ ରବିବାର ଦିନ ଫୋରମ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ଅବା ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ ଉପଦେଷ୍ଟା ଡ. କମ୍ବୁପାଣି ସାମନ୍ତ, ସଭାପତି ସୋମନାଥ ନାୟକ, ସମ୍ପାଦକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ପ୍ରାକ୍ତନ କଲେଜ ଅଧକ୍ଷ ଶିବରମ ପଣ୍ଡା ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪X୭ କୋଭିଡ଼ କଂଟ୍ରୋଲ ରୁମ୍

ବଲାଙ୍ଗିର, (କେପିଏନ୍ଏସ୍) : ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪X୭ କୋଭିଡ୍ କଂଟୋଲ୍ ରୁମ୍ ଆରମ୍ଭ ହୋଇଯାଇଛି ।

କୋଭିଡ଼ ସଂକ୍ରାନ୍ତୀୟ ସମସ୍ତ ପ୍ରକାର ସୂଚନା, ଅନୁରୋଧ ତଥା ଅଭିଯୋଗ ନିମନ୍ତେ ଏହି କଂଟ୍ରୋଲ ରୁମ୍ କାମ କରିବ । ଏଥିପାଇଁ ଜାରି କରାଯାଇଥିବା ହେଲ୍‌ପ୍ ଲାଇନ୍ ନଂ. ହେଉଛି ୦୬୬୫୨-୨୩୨୭୭୩, ୦୬୬୫୨-୨୩୦୯୬୯ ଏବଂ ମୋ.ନଂ.୯୪୩୮୭୭୬୩୯୪ । ପ୍ରଦତ୍ତ ହେଲ୍‌ପ୍ ଲାଇନ୍ ନମ୍ବରରେ ଯେକୌଣସି ବ୍ୟକ୍ତି କୋଭିଡ଼ ସଂପର୍କୀତ ସମସ୍ତ ପ୍ରକାର ସହଯୋଗ ପାଇଁ ଯୋଗାଯୋଗ କରି ପାରିବ ବୋଲି ସୂଚନା ଦିଆଯାଇଛି ।



# ନାବାଳିକା ଶାଳୀକୁ ବାହା ହେବା ପାଇଁ ରସିକିଆ ଭିଣୋଇର ଜିଦ୍ : ମନମୁଣ୍ଡା ଥାନାରେ ମାମଲା ରୁଜୁ, ଜ୍ୱାଇଁ ଓ ତାର ୩ ସହଯୋଗୀ ଗିରଫ

ବୌଦ୍ଧ, (ନିପ୍ର) : ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ରକ୍ସା ଗ୍ରାମ ପଂଚାୟତ ଚଉଁରୀଆପଦର ଗ୍ରାମରେ ଗତ ପଣାସଂକ୍ରାନ୍ତି ଦିନ ଘଟିଥିବା ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ୧୪ ବର୍ଷୀୟ ଶାଳୀକୁ ବିବାହ କରିବାର ଜିଦ୍ ଧରି ଶଳାକୁ ଅପହରଣ କରି ନେଇ ଯାଉଥିବା ବେଳେ ଗ୍ରାମବାସୀ ଗୋଡାଇବା ଯୋଗୁଁ ଦୁଇଟି ବାଇକ ଓ ନାବାଳକ ଶଳାକୁ ଛାଡି ଫେରାର ହୋଇ ଯାଇଥଲା । ପରେ ପୋଲିସ୍ ହାତରେ ଗିରଫ ହୋଇଥିଲେ ଜ୍ୱାଇଁ ଓ ତାଙ୍କର ୩ ସହଯୋଗୀ । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ହରଭଙ୍ଗା ବ୍ଲକ୍ ସାମ୍ପୋଚ ଗ୍ରାମର ଲବ ସାହୁଙ୍କ ପୁଅ ରାଜେଶ ୪ ବର୍ଷ ତଳେ ମନମୁଣ୍ଡା ଥାନା ବୌଦ୍ଧ ବ୍ଲକ୍ ରକ୍ସା ଗ୍ରାମ ପଂଚାୟତର ଚଅଁରିଆ ପଦର ଗ୍ରାମରେ ଶ୍ୟାମ ସୁନ୍ଦର ସାହୁଙ୍କ ଝିଅ ଦୀପାଳିକୁ ବିବାହ କରିଥିଲେ । ରାଜେଶ ଓ ଦୀପାଳିଙ୍କ ୩ ବର୍ଷର ଜଣେ ଓ ୨୦ ଦିନର ଦୁଇଟି ପୁଅ ମଧ୍ୟ ହୋଇ ସାରିଛନ୍ତି ।

ବିବାହ ପରଠାରୁ ରାଜେଶ ସୁନା, ହାର ଓ ନଗଦ ଏକ ଲକ୍ଷ ଟଂକାର ଯୌତୁକ ବାପ ଘରୁ ଆଣିବା ପାଇଁ କହି ଦୀପାଳିକୁ ନର୍ଯ୍ୟାତନା ଦେଉଥଲା । ପରେ ଦୀପାଳିଙ୍କ ୧୪ ବର୍ଷୀୟା ହାଇସ୍କୁଲ ପଢୁଆ ଭଉଣୀଙ୍କୁ ବିବାହ କରିବାକୁ ଜ୍ୱାଇଁ ରାଜେଶ ଜିଦ୍ ଧରିଥିଲା । ଗତ ୧୦ ତାରିଖ ଦିନ ଚଅଁରିଆପଦର ଶ୍ୱଶୁର ଘରକୁ ଯାଇ ଶାଶୁ ଶ୍ୱଶୁରଙ୍କୁ ଶାଳୀକୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା । ସେମାନେ ଏ ପ୍ରସ୍ତାବକୁ ମନା କରିବା ଫଳରେ ତାଙ୍କୁ ମାଡ ମାରିଥିଲା ବୋଲି ଅଭିଯୋଗ ହୋଇଥିଲା । ଏ ଘଟଣାରେ ବ୍ୟଥିତ ହୋଇ ଶାଳୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଓ ଗୁରୁତର ଅବସ୍ଥାରେ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି । ନିଜ ସ୍ତ୍ରୀ ଓ ସାନ ପୁଅକୁ ଧରି ରସିକ ଜ୍ୱାଇଁ ଗତ ପଣାସଂକ୍ରାନ୍ତି ଦିନ ଶ୍ୱଶୁର ଘରେ ଛାଡି ଆସିଥିଲେ । ପରେ ସେହିଦିନ ଅପରାହ୍ନରେ ନିଜ ଗ୍ରାମର ୩ ଜଣ ସାଙ୍ଗକୁ ଧରି ଦୁଇଟି ବାଇକରେ ଶ୍ୱଶୁର ଘରକୁ ଯାଇଥଲା ରାଜେଶ । ସେଠାରେ ଶାଶୁ ଓ କାକି ଶାଶୁଙ୍କ ସହ ମାରଧର କରି ୧୦ ବର୍ଷୀୟ ଶଳାକୁ ଧରି ପଳାଇ ଆସୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଗୋଡାଇଥିଲେ । ଭୟରେ ଦୁଇ ବାଇକ ଓ ଶଳାକୁ ଛାଡି ୪ ଜଣ ଦଉଡି ଦଉଡି ପଳାଇଥିଲେ । ପରେ




ମନମୁଣ୍ଡା ଥାନାରେ ଦୀପାଳିଙ୍କ କାକା ଗଣେଶ ସାହୁ ଅଭିଯୋଗ କରିବା ପରେ ୪୪ / ୨୦୨୧ରେ ଏକ ମାମଲା ଦଫା ୪୯୮ (କ), ୫୦୬, ୩୨୩, ୩୦୬, ୪୫୨, ୩୬୩,୩୪ ଓ ଆର. ଡବ୍ଲୁ ୪ ଯୌତୁକ ନିରୋଧୀ ଆଇନ୍ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ଜ୍ୱାଇଁ ରାଜେଶ ସହିତ ସହଯୋଗୀ ସଂଜୟ ସ୍ୱାଇଁ, ସୁକାନ୍ତ ବେହେରା ଓ ସୁଶିଲ ବେହେରାକୁ ଗିରଫ କରି ପୋଲିସ୍ ତଦନ୍ତ କରୁଥିବା ଜଣାପଡିଛି ।

# ଆଇନ ଶିକ୍ଷାର ପରିଚାଳନାକୁ ଆହୁରି ବିକେନ୍ଦ୍ରୀକରଣ ତଥା କୋଶଳାଂଚଳରେ ଆଇନ ବିଶ୍ୱବିଦ୍ୟାଳୟର ସ୍ଥାପନା ଦାବୀ

ବଲାଙ୍ଗିର, (ନିପ୍ର) : କୋଶଳାଂଚଳ ହାଇକୋର୍ଟର ସ୍ଥାୟୀ ବେଂଚ ଠୁଁ ଆରମ୍ଭକରି ରାଜନୈତିକ ତଥା ପ୍ରଶାସନିକ ବିକେନ୍ଦ୍ରୀକରଣ ଦାବୀ କରିଆସୁଥିବା ସମୟରେ ରାଜ୍ୟ ସରକାର ସବୁକିଛି କଟକ ଓ ଭୁବନେଶ୍ୱରରେ କେନ୍ଦ୍ରୀଭୁତ କରିବାରେ ଲାଗିଛନ୍ତି । କେନ୍ଦ୍ରୀଭୂତ କରିବାର ଏହି ଅପସଂସ୍କୃତିରେ ଅନ୍ୟ ଏକ ପ୍ରୟାସ ସଦ୍ୟ ଆରମ୍ଭ ହୋଇଥିବା କୋଶଳାଂଚଳର ସମସ୍ତ ଆଇନ ମହାବିଦ୍ୟାଳୟ ଗୁଡିକର ସମସ୍ତ ଶୈକ୍ଷଣିକ କାର୍ଯ୍ୟକଳାପକୁ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନକୁ ନେଇଯିବା । ଏହାପରେ କୋଶଳାଂଚଳର ସମସ୍ତ ଆଇନ ମହାବିଦ୍ୟାଳୟ ଗୁଡିକର ପରୀକ୍ଷା



ପରିଚାଳନା, ସାର୍ଟିଫିକେଟ ପ୍ରଦାନ ଆଦି ସମସ୍ତ କାର୍ଯ୍ୟ, ଯାହାକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିଲା ତାହା କଟକରୁ ପରିଚାଳିତ ହେବ ଏବଂ ଆଇନ ଶିକ୍ଷା ଗ୍ରହଣ କରୁଥିବା ବିଦ୍ୟାର୍ଥୀମାନେ ପ୍ରତ୍ୟେକ କାର୍ଯ୍ୟ ପାଇଁ କଟକ ଦଉଡିବାକୁ ବାଧ ହେବେ ଛାତ୍ରଛାତ୍ରୀ । ପ୍ରଶାସନିକ ବିକେନ୍ଦ୍ରୀକରଣ ଦ୍ୱାରା ସବୁବେଳେ ସାଧାରଣ ନାଗରିକଙ୍କ ହିତ ସାଧିତ ହେବାରେ ସହାୟକ ହେଉଥିବା ବେଳେ ଓଡିଶା ସରକାର ଏହିପରି କାର୍ଯ୍ୟକଳାପ କୋଶଳାଂଚଳର ଗରିବ ଜନସାଧାରଣଙ୍କ ପାଇଁ ଦୁଃର୍ବିସହ ହୋଇଯାଉଛି । ଶିକ୍ଷାକୁ ସୁଲଭ କରିବା ପାଇଁ କୋଶଳାଂଚଳବାସୀ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟ ଦାବୀ କଲା ପରେ କଳାହାଣ୍ଡି ଓ ବଲାଙ୍ଗିର ଠାରେ ବିଶ୍ୱବିଦ୍ୟାଳୟ ଗଠିତ ହୋଇଛି । ଏହି ସମୟରେ ଆଇନ ଶିକ୍ଷାର ପରିଚାଳନାକୁ କଟକ ସ୍ଥାନାନ୍ତରିତ କରି ଆଇନ ଶିକ୍ଷା ଗ୍ରହଣ କରିବାରେ ଇଚ୍ଛୁକ ଥିବା ଶିକ୍ଷାର୍ଥୀ ମାନଙ୍କ ବୋଝ ବଢାଯିବା ଦୁଃର୍ଭାଗ୍ୟ ଜନକ । ସରକାରଙ୍କର ଏହିପରି ସବୁକିଛି କେନ୍ଦ୍ରୀଭୂତ କରିବାର ପ୍ରୟାସକୁ କୋଶଲ ରାଜ୍ୟ ସମନ୍ୱୟ ସମିତି ଘୋର ନିନ୍ଦା କରିବା ସହ ଏହି ପ୍ରେସ ବିଜ୍ଞପ୍ତି ଜରିଆରେ ଦାବୀ ଉପସ୍ଥାପିତ କରିଛି ଯେ, ଆଇନ ଶିକ୍ଷାର ପରିଚାଳନାକୁ ଆହୁରି ବିକେନ୍ଦ୍ରୀକରଣ କରାଯାଇ କୋଶଳାଂଚଳରେ ରହିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯାଉ କିମ୍ବା କୋଶଳାଂଚଳରେ ଅନ୍ୟ ଏକ ଆଇନ ବିଶ୍ୱବିଦ୍ୟାଳୟ ଗଠନ କରି ସମସ୍ତ ଆଇନ ମହାବିଦ୍ୟାଳୟକୁ ତା'ସହ ଅନୁବନ୍ଧିତ କରାଯାଉ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଜଣେଇଛନ୍ତି ।

# ଦେଓଗାଁ ବ୍ଲକରେ ଉତ୍କଟ ଜଳାଭାବ : ୮୦ ପ୍ରତିଶତ ନଳକୂପରୁ ବାହାରୁ ନାହିଁ ପାଣି, ଯୋଜନା କରି ଖୋଲା ଯାଇଛି ଲୁହା ନଳ, ତଦନ୍ତ ଦାବୀ

ଦେଓଗାଁ, (ନିପ୍ର) : ଚଳିତ ବର୍ଷ ଖରାର ପ୍ରକୋପ ବଢ଼ି ଚାଲିଥିବା ବେଳେ ଜଳ ସ୍ତର ନିମ୍ନଗାମୀ ହେବା ଯୋଗୁଁ ପ୍ରତ୍ୟେକ ଗାଁରେ ପାନୀୟ ଜଳ ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଅନ୍ୟ ପକ୍ଷରେ ଶୁଦ୍ଧ ପାନୀୟ ଜଳ ଠିକ୍ ଭାବେ ଯୋଗାଣ ପାଇଁ ସରକାର ପ୍ରତି ପଂଚାୟତକୁ ଦାୟିତ୍ୱ ଦେଇଥିବାରୁ ସୁଚାରୁ ରୂପେ ଜଳ ଯୋଗାଣ ହୋଇ ପାରୁନାହିଁ । ଦେଓଗାଁ ବ୍ଲକର ୧୨୬ଟି ଗାଁରେ ଥିବା ୧୩ ଶହ ମଧ୍ୟରୁ ୮୦ ପ୍ରତିଶତ ନଳ କୂପ ପ୍ରାୟତଃ ପୁରୁଣା । ଦୁଇ ବର୍ଷ ତଳେ ପାଣି ନିମ୍ନଗାମୀ ହୋଇଥିବା ଦର୍ଶାଇ ଅନେକ ନଳକୂପର ଲୁହା ନଳକୁ ବାହାର କରି ଦିଆଯାଇଥିବା ଗାଁ ଗୁଡିକରୁ ଅଭିଯୋଗ ମାନ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲା । ତଦନ୍ତ କରିବା ପରିବର୍ତ୍ତେ ଗୋଟିଏ ପ୍ରକାର ଲୁହା ନଳ ଚୋରିକୁ ସହଯୋଗ କଲାପରି ସେହି ସମୟରେ ଅନୁମାନ କରାଯାଏ । ଦୁଇ ବର୍ଷ ତଳେ ହୋଇଥିବା ନଳ ଚୋରିର ପ୍ରଭାବ ବର୍ତ୍ତମାନ ଦେଖିବାକୁ ମିଳୁଛି । ପ୍ରତ୍ୟେକ ଗାଁ ଥିବା ୧୦ରୁ ୭/୮ଟି ନଳକୂପରୁ ପାଣି ବାହାରୁନାହିଁ । ଗାଁର ମୁଖ୍ୟ ସ୍ଥାନରେ ଥିବା ନଳକୂପରେ ପାଣି ବାହାରୁ ଥିବା ଜଣାପଡୁଛି । ଦେଓଗାଁ ବ୍ଲକର ଉଡାର, ଗାଇବାହାଲ



ପଂଚାୟତର ରାଏପାଲି ଗାଁକୁ ଉଦାହରଣରେ ନିଆଯାଇପାରେ । ସେହିପରି ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଂଚାୟତର ଗୁଏଲପିଟା ଗାଁର ପାନୀୟ ଜଳାଭାବ ଉତ୍କଟ ହୋଇପଡିଛି । ରାମଚନ୍ଦ୍ରପୁର ପଂଚାୟତର ପୂର୍ବ ସରପଂଚ ଅନ୍ତର୍ଯ୍ୟାମୀ ନାଏକ ଅଭିଯୋଗ କରିଛନ୍ତି ଯେ, ଗୁଏଲପିଟା ଗାଁ ୨ଟି ୱାର୍ଡ, ୬ଶହରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ । ମୋଟ ୬ଟି ନଳକୂପ ଥିଲା । ବର୍ତ୍ତମାନ ୪ଟି ନଳକୂପରୁ ପାଣି ବାହାରୁ ନାହିଁ । ୨ଟିକୁ ଦୀର୍ଘ ସମୟ ହେଣ୍ଡେଲ ମାରିଲେ ଟିକିଏ ପାଣି ପଡୁଛି । କେବଳ ମଣିଷ ନୁହେଁ ଗୃହପାଳିତ ପଶୁଙ୍କ ପାଇଁ ପାଣି ଅଭାବ ହୋଇପଡିଛି । କେବଳ ଉଡାର ପଂଚାୟତର ଉଡାର କି ରାମଚନ୍ଦ୍ରପୁର ପଂଚାୟତର ଗୁଏଲପିଟା ନୁହେଁ ଦେଓଗାଁ ବ୍ଲକ୍ର ୮୦ ପ୍ରତିଶତ ଗାଁରେ ପାନୀୟ ଜଳର ଉତ୍କଟ ଜଳାଭାବ ଦେଖାଯାଉଛି । ଦେଓଗାଁ, ଜରାସିଂହା ପରି କିଛି ସଚେତନ ପଂଚାୟତର ସଦର ଗାଁରେ ନଳକୂପ ଅଚଳ ଅଭିଯୋଗ ହେଲେ ତୁରନ୍ତ ଯାଇ ମରାମତି କରୁଥିବା ବେଳେ ବଣ ଜଙ୍ଗଲ ଘେରା ଗାଁର ପାନୀୟ ଜଳ ଅଭାବକୁ କେହି ବି ଦେଖୁ ନାହାନ୍ତି ।

# ସହର୍ ଭିତ୍‌ରେ ମାନୁଛନ୍, ବାକି ସବୁ ଠାନେ ଛୁଟା ଭଟ୍



ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣ ଦିନୁ ଦିନ୍‌କେ ମୁନୁଷ୍ କେ ବାଏବିଛୋ କରିଦେଲା ବେଲ୍‌କେ ଖାଲି ସହର୍ ଭିତ୍‌ରେ ମାସ୍କ ପିନ୍ଧ୍‌ବାର୍ ଦେଖ୍‌ବାର୍ କେ ମିଲୁଛେ । ସର୍‌କାର୍ ଆର୍ ଜିଲ୍ଲା ପ୍ରଶାସନ୍ ଆଡୁ ମାସ୍କ ପିନ୍ଧ୍‌ବାର ନିହାତି ପକ୍ଷେ ଜରୁରୀ ବଲି ଯେତେ ସଚେତନ୍ କରାଯଉଥିଲେ ବି ଗାଁ ଗଅଁଲି, ପାଲି ପାପ୍‌ଲିର୍ ଲୋକ୍ ମୁଟେ ନେଇଁ ମାନ୍‌ବାର୍ ବଲି କୁହାଯାଇଛେ । ଇଥିର୍ ଲାଗି ତ' ଚର୍‌ଚା ହଉଛେ, 'ସହର୍ ଭିତ୍‌ରେ ମାନୁଛନ୍, ବାକି ସବୁ ଠାନେ ଛୁଟ୍‌ା ଭଟ୍' । ତ' ଇଥିର୍ ଲାଗି ପୁଲିସ୍ ପ୍ରଶାସନ୍ କେ କଦମ୍ ଉଠାବାର୍‌କେ ପଡ୍‌ବା । ଜିଲ୍ଲାର୍ ସବୁଠାନେ ଲୋକ୍ କେନ୍‌ତା କରି ମାସ୍କ ପିନ୍ଧ୍‌ବେ ଆର୍ ନିଜର୍ ସାଙ୍ଗେ ଦେଶ୍ କେ ବଁଚାବାର୍ ଥି ସହଯୋଗ୍ କର୍‌ବେ, ସେ ଦିଗେ ପ୍ରଶାସନ୍ ଅଁଟା ଭିଡୁ ବଲି ବୁଦ୍ଧିଜୀବୀ ମାନେ ମତ ଦଉଛନ୍ ।

ଖାଲି ଫାଇନ୍ କାଟ୍‌ବାର୍ ଥି ପ୍ରଶାସନ୍ ବାଏ ନେଇଁ ହେଇକରି, ଲୋକର୍ ଭିତ୍‌ରୁ କରୋନା କେ ଖେଦ୍‌ବାର୍ ଲାଗି ପଦକ୍ଷେପ ନିଆଯିବାର୍ ଉଚ଼ିତ୍ ବଲି ବି କୁହାଯାଉଛେ ।

# ଅଜବ୍ ଅଫର୍ : ଗୋଟିଏ କିଲୋ କୁକୁଡ଼ା ମାଂସରେ ଗୋଟିଏ 'ଚିଡ଼ିଆ' ଫ୍ରି !

ପଦ୍ମପୁର, (ନିପ୍ର) : ବିଭିନ୍ନ କମ୍ପାନୀ ତା'ର ପ୍ରଚାର ପ୍ରସାର ପାଇଁ ଖାଉଟି ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇଥାନ୍ତି । ଯେମିତି ଦାନ୍ତ ଘଷିବା କଲ୍‌ଗେଟ୍‌ରେ ବ୍ରସ ଟିଏ ଫ୍ରି, ଡିଟର୍‌ଜେନ୍‌ଟ୍ ପାଉଡର୍‌ରେ ପ୍ଲାଷ୍ଟିକ ବାଲ୍‌ଟି ଫ୍ରି, ଦୁଇଟା ସାର୍ଟ କିଣିଲେ ଗୋଟିଏ ସାର୍ଟ ଫ୍ରି । ଏମିତି ଅନେକ ଗୁଡ଼ିଏ ଉଦାହରଣ ପ୍ରଚଳିତ ଅଛି । କିନ୍ତୁ ଏମିତି ଅଫର୍ କେବେ କେଉଁଠି ଦେଖିବାକୁ ମିଳିନଥିଲା । ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧୀନସ୍ଥ ଦହିତାରେ ଗୋଟିଏ କୁକୁଡ଼ା ଦୋକାନ ଖୋଲିଛି । ଦୋକାନର ନାମ ଦେଇଛନ୍ତି "ପଦ୍ମନ କୁକୁଡ଼ା ଦୋକାନ" । ତାହା ପୁଣି ଅଛି ଦହିତା ସ୍ଥିତ ନେତାଜୀ କ୍ଲବ୍ ପାଖରେ । ତା୧୬/୦୪ /୨୦୨୧ଠାରୁ ଅଫର୍ ଲାଗୁ କରିଛନ୍ତି ଯେ, ଗୋଟିଏ କେଜି ବଏଲର କୁକୁଡ଼ା ମାଂସ ଯେ କିଣିବ, ତାକୁ ଗୋଟିଏ ଚିଡିଆ ମାଗଣାରେ ମିଳିବ । ଚିଡିଆ କହିଲେ କୁଆଡ଼େ ଏହି ଅଂଚଳରେ ଉପଲବ୍ଧ ହେଉଥିବା ଦେଶୀ ମଦ ପ୍ୟାକେଟ ବୋଲି ଆଲୋଚନା ହେଉଛି । ଏହା କି ପ୍ରକାର ବ୍ୟବସାୟ ଲୋକେ ତାଙ୍କ ଦୋକାନର ପୋଷ୍ଟର ଦେଖି ବିସ୍ମିତ ହେଉଥିବା ଜଣାପଡ଼ିଛି । ଏହା ସତରେ ଏକ ଧମାକା କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସାରା ଅଂଚଳରେ ଚହଳ ସୃଷ୍ଟି ହୋଇଛି ।

ଲୋକେ ତାଙ୍କ ବ୍ୟବସାୟକୁ ଆଗକୁ ବଢାଇବାପାଇଁ ଆଉ କି କି ପ୍ରକାରର ଅଫର୍ ଛାଡ଼ିବେ, ତାକୁ ଦେଖିବାକୁ ବାକି ରହିଲା ।



# ଅବହେଳିତ ଭାରତୀୟ ସୀମା ସୁରକ୍ଷା ବଳର ସୈନିକ କୃଷ୍ଣ ଚନ୍ଦ୍ର ପରୁଆ : ରୋଗାଗ୍ରସ୍ତ ହେବା ପରେ ସ୍ୱେଚ୍ଛାକୃତ ଅବସର ପ୍ରଦାନ କରି ଦାୟିତ୍ୱ ସାରିଦେଲେ କର୍ତ୍ତୃପକ୍ଷ, ଏ ପର୍ଯ୍ୟନ୍ତ ଟଙ୍କାଟିଏ ବି ମିଳିନାହିଁ ପାଉଣା, ଦାରିଦ୍ର୍ୟତାର ଚରମ ସୀମାରେ ପରିବାର

ବଲାଙ୍ଗିର, (ନିପ୍ର) : ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି ଭାରତୀୟ ସୀମା ସୁରକ୍ଷା ବଳର ସୈନିକ ତଥା ସ୍ଥାନୀୟ ମାଲପଡ଼ା ନିବାସୀ କୃଷ୍ଣ ଚନ୍ଦ୍ର ପରୁଆ । ଯିଏ ଛାତି ଫୁଲେଇ ଭାରତ ମାତାର ତ୍ରିରଙ୍ଗା ଝଣ୍ଡା ଲହରେଇ ସୀମା ସୁରକ୍ଷାରେ ନିୟୋଜିତ ହୋଇଥିଲେ, ସିଏ ରୋଗାଗ୍ରସ୍ତ ହେବା ପରେ ତାଙ୍କୁ ସ୍ୱେଚ୍ଛାକୃତ ଅବସର ପ୍ରଦାନ କରି ଦାୟିତ୍ୱ ସାରି ଦେଇଛନ୍ତି କର୍ତ୍ତୃପକ୍ଷ । ସବୁଠାରୁ ବଡ଼ ଦୁଃଖର ବିଷୟ ଯେ, ସ୍ୱେଚ୍ଛାକୃତ ଅବସର ପ୍ରଦାନ ପରେ ଛ' ମାସ କାଳ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଦିଆଯାଇନାହିଁ ତାଙ୍କ କୌଣସି ବି ପ୍ରାପ୍ୟ । ଏବେ ଦାରିଦ୍ର୍ୟତାର ଚରମ ସୀମାରେ ତାଙ୍କ ପରିବାର ବର୍ଗ । ଏଭଳି ଏକ ଦୟନୀୟ ଅଭିଯୋଗ ଆଣିଛନ୍ତି ଭାରତୀୟ ସୀମା ସୁରକ୍ଷା ବଳର ସୈନିକ କୃଷ୍ଣ ଚନ୍ଦ୍ର ପରୁଆଙ୍କ ଧର୍ମପତ୍ନୀ ପଦ୍ମିନୀ ପରୁଆ । କୋହଭରା କଣ୍ଠରେ ତାଙ୍କ ପରିବାରର ଦୁଃଖ କାହାଣୀ କହିବାକୁ ଯାଇ ସେ ପ୍ରକାଶ କରିଛନ୍ତି ଯେ, ଭାରତୀୟ ସୀମା ସୁରକ୍ଷା ବଳରେ କାର୍ଯ୍ୟରତ ଥିଲେ ଯବାନ କୃଷ୍ଣ ଚନ୍ଦ୍ର । ଭାରତର ବିଭିନ୍ନ ପ୍ରାନ୍ତରେ ସୀମା ସୁରକ୍ଷା ଦାୟିତ୍ୱ ନିଷ୍ଠାର ସହ ତୁଲାଇବା ଭିତରେ ସେ ୨୦୧୭ ମସିହାରେ ପଂଜାବର ଫିରୋଜ୍‌ପୁରରେ କାର୍ଯ୍ୟରତ ଥିଲେ । ସେହି ସମୟରେ ଘରକୁ ଛୁଟିରେ ଆସିଥିଲେ । ଘରେ ଥିବା ସମୟରେ ଚେୟାର୍‌ରେ ବସିଥିବା ବେଳେ ହଠାତ୍ ସେ ତଳେ ପଡ଼ି ଯାଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ସଂଗେ ସଂଗେ ପତ୍ନୀ ପଦ୍ମିନୀ ତାଙ୍କୁ ଚିକିତ୍ସା ପାଇଁ ବଲାଙ୍ଗିର ସରକାରୀ ହସ୍‌ପିଟାଲ୍‌କୁ ଭର୍ତ୍ତି କରିଥିଲେ । ଅଥଚ ଚିକିତ୍ସା ହୋଇ ନ ପାରିବାରୁ ବୁର୍ଲା ମେଡ଼ିକାଲ ଓ ପରେ କଟକ ମେଡ଼ିକାଲ୍‌କୁ ନେଇ ଯାଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସି ନଥିଲା । ତେବେ ଯବାନ କୃଷ୍ଣଚନ୍ଦ୍ରଙ୍କ ଛୁଟି ସରିବା ପୂର୍ବରୁ ଏଭଳି ସଂଜ୍ଞାହୀନ ଅବସ୍ଥାରେ ତାଙ୍କ ପତ୍ନୀ ତାଙ୍କୁ ଫିରୋଜପୁର କାର୍ଯ୍ୟସ୍ଥଳୀକୁ ନେଇ ପହଂଚିଥିଲେ । ଭାରତୀୟ ସୀମା ସୁରକ୍ଷା ବଳ ପକ୍ଷରୁ ଫିରୋଜପୁର, ଜଳନ୍ଧର ତଥା ସଫଦରଗଂଜ ହସ୍‌ପିଟାଲ୍‌ରେ ତାଙ୍କୁ ଚିକିତ୍ସା କରାଯାଇଥିଲେ ସୁଦ୍ଧା ସେ ଆଉ ସୁସ୍ଥ ହୋଇପାରି ନଥିଲେ ।





କେବଳ ଲୁହଭରା ଆଖିରେ ଡଗ୍ ଡଗ୍ ଚାହିଁ ରହିଲେ । ହାତଗୋଡ଼ ଅଚଳ, ପାଟି ମଧ୍ୟ ଫିଟିଲା ନାହିଁ । ଏଭଳି ଅବସ୍ଥାରେ ଆହୁରି ଉଚ୍ଚ ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇ ସାରିଥିବା ପତ୍ନୀ ପଦ୍ମିନୀ ଉଚ୍ଚ ଅଧିକାରୀମାନଙ୍କ ପାଖରେ କାକୁତି ମିନତି ହେଲେ । କିନ୍ତୁ ଉଚ୍ଚ ଚିକିତ୍ସା ଯୋଗାଇବା ବଦଳରେ କୃଷ୍ଣ ଚନ୍ଦ୍ରଙ୍କ ସ୍ୱେଚ୍ଛାକୃତ ଅବସର ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଏକ ପ୍ରକାର ବାଧ୍ୟ କରିଥିଲେ । ଏହାପରେ ବାଧ୍ୟ ହୋଇ ଯବାନ କୃଷ୍ଣଚନ୍ଦ୍ର ସ୍ୱେଚ୍ଛାକୃତ ଅବସର ନେଲେ ଓ ତାଙ୍କ ପତ୍ନୀ ତାଙ୍କୁ ନେଇ ଜନ୍ମମାଟି ବଲାଙ୍ଗିରକୁ ଚାଲି ଆସିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, କୃଷ୍ଣଚନ୍ଦ୍ରଙ୍କୁ ସ୍ୱେଚ୍ଛାକୃତ ଅବସର ପ୍ରଦାନ ପରେ ଦୀର୍ଘ ଛ' ମାସ କାଳ ବିତି ସାରିଥିଲେ ମଧ୍ୟ ଟଙ୍କାଟିଏ ସୁଦ୍ଧା ତାଙ୍କ ପ୍ରାପ୍ୟ ପାଇ ନାହାନ୍ତି ସେ । ସ୍ୱାମୀଙ୍କ ଚିକିତ୍ସାରେ ସର୍ବସ୍ୱାନ୍ତ ହୋଇ ସାରିଥିବା ଯବାନଙ୍କ ପତ୍ନୀ ପଦ୍ମିନୀଙ୍କ ପଇଁ ସ୍ୱାମୀଙ୍କ ଚିକିତ୍ସା ତଥା ଦୁଇ ପୁଅଙ୍କ ପାଠ ପଢ଼ା ଖର୍ଚ୍ଚ ତୁଲାଇବା ଏବେ ଅସମ୍ଭାଳ ହୋଇ ପଡ଼ିଥିବା ବେଳେ ତାଙ୍କ ପ୍ରତି ବିଏସ୍‌ଏଫ୍ କର୍ତ୍ତୃପକ୍ଷଙ୍କ ଏଭଳି ଅଣଦେଖା ଆଚରଣ ଆହୁରି କଷ୍ଟ ଦେଇଛି ନିଶ୍ଚୟ । ଏବେ ଅନ୍ୟ ପାଖରେ ହାତ ପତେଇ ପରିବାର ଚଳାଉଛନ୍ତି ବୋଲ ପଦ୍ମିନୀ ନିଜେ କହିଛନ୍ତି । ଘରର ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଶଯ୍ୟାଶାୟୀ ହୋଇ ପଡ଼ି ରହିଥିବା ବେଳେ ପରିବାରର ଉପାର୍ଜନ ଶୂନ୍ ହୋଇଯାଇଛି । ପୁଣି ସେଥିରେ ଚିକିତ୍ସା ଖର୍ଚ୍ଚ ଓ ପିଲାଙ୍କ ପାଠପଢ଼ା ସହ ପରିବାର ଚଳାଇବା ଖର୍ଚ୍ଚ ଯୋଗୁଁ ଧାର କରଜ କରି ଅଣନିଶ୍ୱାସୀ ହୋଇ ପଡ଼ିଛନ୍ତି ପଦ୍ମିନୀ । କିନ୍ତୁ ଏଭଳି ଅବସ୍ଥାରେ ମଧ୍ୟ ଜଣେ ଯବାନଙ୍କ ପ୍ରତି ବିଏସ୍‌ଏଫ୍ ପକ୍ଷରୁ କୌଣସି ସମବେଦନା ନ ମିଳିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ବଲାଙ୍ଗିର ଅବସରପ୍ରାପ୍ତ ସୈନିକ ସଂଘର ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ରଥ କହିଛନ୍ତି ଯେ, ଯେହେତୁ ସୈନିକମାନଙ୍କ ପାଇଁ ଜିଲ୍ଲାରେ କୌଣସି ମୋନିଟରିଂ ସେଲ୍ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇନାହିଁ, ତେଣୁ ଏଭଳି ସ୍ଥିତି ବାରମ୍ବାର ଦେଖିବାକୁ ମିଳୁଛି । ପୂର୍ବରୁ ମୋନିଟରିଂ ସେଲ୍ ବ୍ୟବସ୍ଥା ନିମନ୍ତେ ବାରମ୍ବାର ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି, ଯାହାର ପରିଣାମ ଆଜି ସୈନିକମାନଙ୍କ ପରିବାରବର୍ଗ ଭୋଗୁଛନ୍ତି । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିବା ଏକାନ୍ତ ଆବଶ୍ୟକ । ଏଭଳି ଏକାଧିକ ଘଟଣା ବଲାଙ୍ଗିର ଜିଲ୍ଲାରେ ରହିଛି । ଯେଉଁମାନେ ଦେଶର ସୁରକ୍ଷା ପାଇଁ ନିଜର ସାରା ଜୀବନକାଳକୁ ଜଳାଂଜଳି ଦେଉଛନ୍ତି, ସେମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ପ୍ରଶାସନ ସେମାନଙ୍କୁ ତଥା ସେମାନଙ୍କ ପରିବାରବର୍ଗ ପ୍ରତି ଅଣଦେଖା କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଂପାଦକ ଶ୍ରୀ ରଥ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଯବାନ କୃଷ୍ଣଚନ୍ଦ୍ରଙ୍କୁ ତୁରନ୍ତ ବିଏସ୍‌ଏଫ୍ ପ୍ରଶାସନ ତାଙ୍କ ପ୍ରାପ୍ୟ ପ୍ରଦାନ କରିବା ସହ ଜିଲ୍ଲା ପ୍ରଶାସନ ମଧ୍ୟ ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ତଥା ତାଙ୍କ ପରିବାର ଚଳିବା ନିମନ୍ତେ ଯଥାସାଧ୍ୟ ସହଯୋଗ କରନ୍ତୁ । ଏଦିଗରେ ଦେଶର ସମସ୍ତ ନାଗରିକ ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ ।






## ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଯତୀଶ ଖମାରୀଙ୍କ ବିୟୋଗରେ ଶ୍ରଦ୍ଧାଂଜଳି ସଭା




ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଯତୀଶ ଖମାରୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଂଜଳି ସଭା ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ପ୍ରାରମ୍ଭରେ ସ୍ୱର୍ଗତ ଯତୀଶଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସାମ୍ବାଦିକ ବୃନ୍ଦ ଶ୍ରଦ୍ଧାଂଜଳି ପ୍ରଦାନ ପୂର୍ବକ ଧୂପ ଓ ପୁଷ୍ପ ପ୍ରଦାନ କରିଥିଲେ । ଏହା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜଣେ ନିର୍ଭିକ, ନିଷ୍ଠାପର, ପରୋପକାରୀ, ଶ୍ରଦ୍ଧାଳୁ ସାମ୍ବାଦିକଙ୍କୁ ବଲାଙ୍ଗିର ଜିଲ୍ଲା ହରାଇଛି ବୋଲି ଉପସ୍ଥିତ ସାମ୍ବାଦିକମାନେ ମତପ୍ରକାଶ କରିଛନ୍ତି । ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଯତୀଶ ଆଗାମୀ ଦିନରେ ସାମ୍ବାଦିକମାନଙ୍କ ପାଇଁ ଆଦର୍ଶ ହୋଇ ରହିବେ ବୋଲି ମତପ୍ରକାଶ ପାଇଥିଲା । ଏହି ଶୋକସଭାରେ ସଂଘ ସଭାପତି ଶ୍ରୀ ପୂଜାରୀଙ୍କ ସହ ମଂଚାସୀନ ଥିଲେ ଉପସଭାପତି ଆନଂଦ ଚଂଦ୍ର ସାହୁ, ସାଧାରଣ ସଂପାଦକ ବଳରାମ ମିଶ୍ର, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା ଓ ଗୋପବନ୍ଧୁ ଶତପଥୀ । ସ୍ମୃତିଚାରଣ କରି ନିଜ ନିଜର ମତ ପ୍ରଦାନ କରିଥିଲେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ଝାଙ୍କର, ସଂଦୀପ କୁଅଁର, ଦୀପକ ପୁରୋହିତ, ସୁଧୀର ମିଶ୍ର, ବିଶ୍ୱଜିତ ଦାଶ, ଚନ୍ଦ୍ରଭାନୁ ମୋଲାନା । ସାଂଗଠାନିକ ସଂପାଦକ ଶରତ ମିଶ୍ର, ସାମ୍ବାଦିକ ଘଟେଶ୍ୱର ମିଶ୍ର, ନିରୋଜ ମିଶ୍ର, କରୁଣାକର ପଧାନ, ସଚ୍ଚିଦାନନ୍ଦ ବଗର୍ତ୍ତି, ଗୁପ୍ତେଶ୍ୱର ପୃଷ୍ଟି, ରାଜୀବ ଷଡ଼ଙ୍ଗୀ, ଚିତ୍ତରଂଜନ ସାହୁ, ସଂଜୟ ମିଶ୍ର, ବିରେନ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।


Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu